**ବିଲ ହାଟରେ ଖୋଲିଲା ଚେକ୍ ପୋଷ୍ଟ**

କଟକ ସଦର,(ସୁଶାନ୍ତ କୁମାର ଜେନା): ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କିଶନ ନଗର ଥାନା ପକ୍ଷରୁ ସୋମବାର ବିଲ ହାଟରେ ଏକ ଚେକ୍ ପୋଷ୍ଟ ଖୋଲାଯାଇଛି। ଉକ୍ତ ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାର ସୀମା ଅଟେ। ଏପରିକି ନିର୍ବାଚନ ତାରିଖ ମଧ ଉଭୟ ଜିଲାର ଭିନ୍ନ ଅଟେ। ଆଇନ ଅନୁଯାୟୀ, ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଚେକ୍ ପୋଷ୍ଟ ଖୋଲାଯାଇଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ କହିଛନ୍ତି।

## ସଂକ୍ଷେପରେ

### ସାମାଜିକ ସମସ୍ୟା ସମାଧାନ ଦିଗରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଫୁଲନଖରା,୨୯।୪(ସତ୍ୟରଞ୍ଜନ ଦାସମହାପାତ୍ର)

ସର୍ବଭାରତୀୟ ଶିକ୍ଷା ସମାଜ, ଓଡ଼ିଶା ଶିକ୍ଷା ସମାଜ ଓ ଯୁଟିଆ ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ 'ସାମାଜିକ ପରିବର୍ତ୍ତନରେ ଶିକ୍ଷକଙ୍କ ଭୂମିକା' ଏକ ଜାତୀୟ ଆଲୋଚନାଚକ୍ର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ୩ଟି ସଂଘର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଙ୍ଗାଲୁରୁ କାମିଅମର ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଧାନାଥ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ପାଣି ଯୋଗଦେଇ ସାମାଜିକ ସମସ୍ୟା ସମାଧାନ କରିବାରେ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବନାରସ କେନ୍ଦ୍ର ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଶାନ୍ତନୁ ସ୍ୱାଇଁ ଯୋଗଦେଇ କହିଥିଲେ, ଶିକ୍ଷାଦାନ ସମସ୍ତ ବୃତ୍ତିର ଜନନୀ ହୋଇଥିବାରୁ ଉତ୍ସର୍ଗୀକୃତ ମନୋଭାବ, ତ୍ୟାଗ ଗୁଣରେ ଭୂଷିତ ହୋଇ ଶିକ୍ଷକମାନେ ସମାଜରେ ପରିବର୍ତ୍ତନର ବାର୍ତ୍ତାବହ ସାଜିଥାନ୍ତି। ସମ୍ମାନିତ ଅତିଥି ଭାବେ ଡ. ବିମଳ ଚରଣ ସ୍ୱାଇଁ, ଶିକ୍ଷାବିତ୍ ଅର୍ଜୁନ ପରମଗୁରୁ, ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ. ବ୍ରଜ କିଶୋର ନାୟକ, ଡ. ସରୋଜକାନ୍ତ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଡ. ଦୀପ୍ତାଂଶୁ ଭୂଷଣ ପତି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପରିଶେଷରେ ଡ. ନିକୁଞ୍ଜ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

### ନଗର କୀର୍ତ୍ତନ ନାମଯଜ୍ଞ ଉଦ୍‌ଯାପିତ

ଚୌଦ୍ୱାର,୨୯।୪(ଆଶୁତୋଷ ଦାସ)

ଆଗ୍ରାହାଟସ୍ଥିତ ଶ୍ରୀଶ୍ରୀ ରାଧାମାଧବ ମନ୍ଦିର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ୯ ଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ନବାହ୍ନ ପ୍ରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗୀତାମଠ ଆଶ୍ରମ ପରିଚାଳନା କମିଟି ଆୟୋଜନରେ ତଥା ଜଗନ୍ନାଥ ସଂସ୍କୃତି ପ୍ରବଚକ ବାବା ସତ୍ୟାନନ୍ଦ ଦାସ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଛନ୍ତି। ଚତୁର୍ଦ୍ଦଶ ଦିବସ ବ୍ୟାପି ୧୧୨ ପ୍ରହର ଅଖଣ୍ଡ ମହାମନ୍ତ୍ର, ନାମଯଜ୍ଞ, ନଗର କୀର୍ତ୍ତନ, ଶ୍ରୀମଦ ଭଗବତ ଗୀତା ପଠନ, ବିଷ୍ଣୁ ସହସ୍ର ନାମ, ଆହୁତି ଯଜ୍ଞ, ଅଖଣ୍ଡ ହନୁମାନ ଚାଳିଶା ପାଠ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀରାଧା ମାଧବଙ୍କ ମହା ଅଭିଷେକ କରାଯାଇଥିଲା। ଗୀତାମଠ ଆଶ୍ରମ ମୁଖ୍ୟ ପରିଚାଳକ ବାବା ମନମୋହନ ଦାସଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମତଦାନ କରିବେ ୨୧ ଲକ୍ଷ ୫୦ ହଜାର ୮୮୯ ଭୋଟର

■ସାଧାରଣ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ

■ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମେ' ୬, ୨୫ରେ ମତଦାନ

କଟକ,୨୯।୪ (କାର୍ତ୍ତିକ ସାହୁ)



୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକଜିଲା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ସୋମବାର ପ୍ରକାଶ ପାଇଛି। ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାର୍ଥୀମାନେ ସକାଳ ଏଗାରଟାରୁ ଅପରାହ୍ଣ ତିନିଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ। ଶେଷ ତାରିଖ ଭାବେ ମେ' ୬ ତାରିଖ ଅପରାହ୍ଣ ୩ ଘଟିକା ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ୭ ତାରିଖ ଦିନ ନାମାଙ୍କନପତ୍ର ଯାଞ୍ଚ ନିମନ୍ତେ ଧାର୍ଯ୍ୟ କରାଯାଇଛି। ସେହିପରି ମେ' ୯ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ଏଥିସହ ମେ' ୨୫ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ ବୋଲି କଟକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲା ନିର୍ବାଚନ ଅଧିକାରୀ ଡାକୁଆ ଏନେଇ ଅଧିକ ସୂଚନା ଦେଇ କହିଛନ୍ତି, ତୃତୀୟ ପର୍ଯ୍ୟାୟରେ କଟକ ଲୋକସଭା ନିର୍ବାଚନ ମଣ୍ଡଳୀର ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ମତଦାନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ କଟକ ଜିଲାର ମୋଟ ୨୧ ଲକ୍ଷ ୫୦ ହଜାର ୮୮୯ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସମଗ୍ର ଜିଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨୨୭୪ଟି ମତଦାନ କେନ୍ଦ୍ର କରାଯାଇଛି। ସୁରୁଖୁରୁରେ ମତଦାନ ପାଇଁ ଭୋଟ୍ ଗ୍ରହଣ କେନ୍ଦ୍ରଗୁଡିକରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳ ବେଳା ଅଧିକ ସଂଖ୍ୟାରେ ଭୋଟର ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକୁ ଯାଇ ମତଦାନ କରିବାକୁ ନିବେଦନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ନିଷ୍ଠା ମହାପାତ୍ର ଉପସ୍ଥିତ ଥିଲେ।

## ନାମାଙ୍କନ ପତ୍ର ଦାଖଲ କଲେ ରଣେନ୍ଦ୍ର

ଖୁଣ୍ଟୁଣୀ/ଆଠଗଡ଼,୨୯।୪ (ସଚ୍ଚିଦାନନ୍ଦ ପଣ୍ଡା/ସତ୍ୟ ପ୍ରସାଦ ରଥ)

**ମୁଖ୍ୟ ଆକର୍ଷଣ ସାଜିଲା ପୁରୁଣା ଭେସ୍ପା ସ୍କୁଟର**

ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ତାଙ୍କର ୮ମ ପାଳିରେ ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସ୍ୱାଇଁ ଦଳୀୟ କର୍ମୀଙ୍କ ଗହଣରେ ଏମ୍‌ପି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ଉପସ୍ଥିତିରେ ନାମାଙ୍କ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ମନ୍ତ୍ରୀ ତାଙ୍କ ୧୯୯୦ ମସିହାର ପ୍ରଥମ ଭେସ୍ପା ସ୍କୁଟରରେ ସକାଳ ୬ଟା ୪୫ରେ ବାବା ଧବଳେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ କୁଷ୍ପଙ୍ଗିସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜା କରିଥିଲେ। ପରେ ୫୫ ନମ୍ବର ଜାତୀୟ ରାଜପଥ ରେ ହଜାର ହଜାର ସମର୍ଥକଙ୍କ ଗହଣରେ ଆଠଗଡ଼ରେ ପହଞ୍ଚିଥିଲେ। ବାଟରେ ବାଲି, ଓରନ୍ଦା, କପୁରସିଂହ, ପାନିଆମା, ରାଧାଦାମୋଦରପୁର, ଖୁଣ୍ଟୁଣୀ, ଭୋଗରା, ତୋଟାପଡ଼ା, କୁଲେଇଲୋ, ଗୋପୀନାଥପୁର, ଦୋରଡ଼ ଓ ହେମାମାଳପୁର ଆଦି ସ୍ଥାନରେ ରଣେନ୍ଦ୍ରଙ୍କୁ ଅନେକ ମହିଳା, ଯୁବକ ଓ ସାଧାରଣ ଜନତା ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ଏଥି ସହିତ ନବେଡ଼ା ସମେତ ନଦୀକୂଳ ଅଞ୍ଚଳରୁ ବହୁ ଦଳୀୟ ସମର୍ଥକ ରାଲିରେ ଯୋଗଦେଇଥିଲେ। ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ ଓ ଟିଗିରିଆ ବ୍ଲକ ଅଧ୍ୟକ୍ଷା ଯଥାକ୍ରମେ ମିନତି ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତି ଗାଗରାଇ ରାଲିରେ ସାମିଲ ହୋଇଥିଲେ। ରଣେନ୍ଦ୍ରଙ୍କ ପଛରେ ତାଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୁବ ସମର୍ଥକଙ୍କ ସହ ରାଲିରେ ଯାଇଥିଲେ। ରଣେନ୍ଦ୍ର କହିଥିଲେ, ତାଙ୍କ କୋକେଇ ବନ୍ଧା ହେବା ଯାଏ ସେ ଆଠଗଡ଼ବାସୀଙ୍କ ସେବା କରିବେ।

## ମଣିଷର ବିକାଶରେ ସହାୟକ ହୋଇଥାଏ ନୃତ୍ୟ



କଟକ,୨୯।୪ (କାର୍ତ୍ତିକ ସାହୁ)

**ବିଶ୍ୱ ନୃତ୍ୟ ଦିବସ**

ନୃତ୍ୟ କରୁଥିବା ବ୍ୟକ୍ତି ସୁସ୍ଥ ସୁନ୍ଦର ହୁଏ। ନୃତ୍ୟର ଦର୍ଶକ ମଧ୍ୟ ନୃତ୍ୟରେ ଆତ୍ମବିଭୋର ହୋଇ ଜୀବନକୁ ସରସ ସୁନ୍ଦର କରିଥାଏ। ନୃତ୍ୟ ମଣିଷର ବିକାଶରେ ସହାୟକ ହୋଇଥାଏ। ଓଡ଼ିଶା ହେଉଛି ନୃତ୍ୟର ଏକ ଶ୍ରେଷ୍ଠ ଭୂମି ବୋଲି କଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରେକ୍ଷାଳୟଠାରେ ଆୟୋଜିତ ବିଶ୍ୱ ନୃତ୍ୟ ଦିବସରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। 'ସମାଜ' ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନୃତ୍ୟ ଓ ସଙ୍ଗୀତ ମଣିଷ ଜୀବନକୁ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିଥାଏ ବୋଲି କହିଥିଲେ। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି ନୃତ୍ୟ ଓଡ଼ିଶାର ପରିଚୟ ବୋଲି କହିଥିଲେ। ସାଧାରଣ ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ବକ୍ତବ୍ୟ ଦେଇଥିଲେ। ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ। ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ମଲ୍ଲିକା ମିତ୍ର ପ୍ରମୁଖଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଓଡ଼ିଶୀ ମେଳ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ଦର୍ଶକଙ୍କୁ ବିମୋହିତ କରିଥିଲା। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମହତାବ ରୋଡ଼ସ୍ଥିତ ଏକାଡେମୀର ଆମ୍ଫିଥିଏଟରଠାରେ ବିଶ୍ୱ ନୃତ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକକ ନୃତ୍ୟ ପରମ୍ପରା କ୍ରମରେ ଗୁଞ୍ଜନର ନୃତ୍ୟଶିଳ୍ପୀ ସୁଶ୍ରୀ ବିଦ୍ୟା ବିଶ୍ୱଜିତା ଏକକ ନୃତ୍ୟ ପରିବେଷଣରେ ମଙ୍ଗଳାଚରଣରୁ ମୋକ୍ଷ ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମୂଳଶିଷ୍ୟା ରାଜଶ୍ରୀ ଚିନ୍ତକଙ୍କ ଏକକ ନୃତ୍ୟ ବେଶ ମନୋମୁଗ୍ଧକର ହୋଇଥିଲା। ନୃତ୍ୟଶିଳ୍ପୀ ଚିନ୍ତକ ଦର୍ଶକ ଓ ଗୁଞ୍ଜନର ନୃତ୍ୟଶିଳ୍ପୀମାନଙ୍କ ସହ ଆଳାପ ବିନିମୟ କରିଥିଲେ।

## ନାପ୍‌ର ୭ ବିଧାନସଭା, ୩ ଲୋକ ସଭା ପ୍ରାର୍ଥୀ ଘୋଷଣା

ଫୁଲନଖରା,୨୯।୪(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ସୋମବାର ପାହାଳ ଥାନା ଅଧୀନ ବଙ୍ଗୁଆରୀରେ ଥିବା କାର୍ଯ୍ୟାଳୟରେ ୭ଟି ବିଧାନସଭା ପ୍ରାର୍ଥୀ ଓ ୩ଟି ଲୋକ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଯଥା ବାଲିଗୁଦା-ଏରସମା ବିଧାନସଭା ମଣ୍ଡଳୀର ପ୍ରାର୍ଥୀ ଭାବେ ରମେଶ ଚନ୍ଦ୍ର ଦାସ, କଟକ ବାଙ୍କୀ ବିଧାନସଭା ପାଇଁ ସୁବାସ ଚନ୍ଦ୍ର ରାଉତ, ସୁନ୍ଦରଗଡ଼ ତଳସରା ବିଧାନସଭା ଆସନ ପାଇଁ ଚିକେଶ୍ୱର ଟପ୍ପୋ, ସୁନ୍ଦରଗଡ଼ ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ରୋଶନ ଏକା, ସୁନ୍ଦରଗଡ଼ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ଅନିଲ କୁମାର ଯାତେ, ଝାରସୁଗୁଡ଼ା ସଦର ବିଧାନସଭା ପାଇଁ କଳାକାର ନାୟକ, ସୁନ୍ଦରଗଡ଼ ସଦର ବିଧାନସଭା ଆସନ ପାଇଁ ନୀଳିମା ଲାକ୍ରାଙ୍କୁ ଦଳ ଚୟନ କରିଛି। ବାଲେଶ୍ୱର ଲୋକ ସଭା ଆସନ ପାଇଁ ଗୋବିନ୍ଦ ଚନ୍ଦ୍ର ଭୋଇ, ସୁନ୍ଦରଗଡ଼ ଲୋକ ସଭା ପାଇଁ ସୁମନ୍ତ ସୋରେନ ଓ କନ୍ଧମାଳ ଲୋକ ସଭା ପାଇଁ ସୁଶୀଳା ତ୍ରିପାଠୀଙ୍କ ନାମ ଦଳ ଘୋଷଣା କରିଛି। ଏପର୍ଯ୍ୟନ୍ତ ଦଳ ୩୩ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବା ସହ ୭ଟି ଲୋକ ସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଦଳ ଘୋଷଣା କରିଛି। ଆଗକୁ ଅବଶିଷ୍ଟ ବିଧାନସଭା ଓ ଲୋକ ସଭା ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନାପ୍ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଅକ୍ଷୟ ବାରିକ କହିଛନ୍ତି।

## ଅଶ୍ୱେନୀ ବାସେଲୀଙ୍କ ଚୈତ୍ର ମହୋତ୍ସବ



ଚୌଦ୍ୱାର,୨୯।୪(ଆଶୁତୋଷ ଦାସ)

ଚୌଦ୍ୱାରରେ ମା' ଅଶ୍ୱେନୀ ବାସେଲୀଙ୍କ ଚୈତ୍ର ମହୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଜି ରାଉତ କୈବର୍ତ୍ତ ଯୁବକ ସଂଘ ଆନୁକୂଲ୍ୟରେ ଚୌଦ୍ୱାର ସତ୍ୟ ନାରାୟଣ ପାଲା ମଣ୍ଡପରେ ଏହା ଆୟୋଜିତ ହେଉଛି। କାର୍ଯ୍ୟକ୍ରମରେ ଚୌଦ୍ୱାର ମଣ୍ଡଳ କାରାଗାରର ଅଧୀକ୍ଷକ ପ୍ରଦୀପ୍ତ ବେହେରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଳନ୍ଧର ଜାଲି, ସାମାଜିକ କର୍ମୀ କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜକୁ ଏକତାବଦ୍ଧ କରି ରଖିବାକୁ ଏଭଳି ମହୋତ୍ସବ ଆୟୋଜନର ଉପଯୋଗିତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଯୁବକ ସଂଘ ସଭାପତି ବିଜୟ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚଇତି ଘୋଡ଼ା ନୃତ୍ୟଗୁରୁ ଓ ଶିଳ୍ପୀ ପଦ୍ମଶ୍ରୀ ଉଦ୍ଧବ ଚରଣ ଦାସଙ୍କ ଦ୍ୱାରା ପାରମ୍ପରିକ ଚଇତି ଘୋଡ଼ା ନାଚ ଓ ଶଙ୍କର ବେହେରାଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାଉନସିଲର ଅଜୟ ବେହେରା, କମଳ ବେହେରା, ଶରତ ଚନ୍ଦ୍ର ବେହେରା, ଗିରିଧାରୀ ବେହେରା, ସଞ୍ଜୀବ ଦଳାଇ, ମଙ୍ଗରାଜ ବେହେରା, ରବୀନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ତରାଇ, ଧର୍ମାନନ୍ଦ ବେହେରା, ସୁକାନ୍ତ ତରାଇ, ସୁବାସ ଦଳାଇ, କବି ଦଳାଇ, ଗଗନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନମାଳୀପୁରକୁ ହରାଇ ଶ୍ୟାମସୁନ୍ଦରପୁର ଚାମ୍ପିୟନ

ଫୁଲନଖରା,୨୯।୪(ସତ୍ୟରଞ୍ଜନ ଦାସମହାପାତ୍ର)



ମୁଖ୍ୟ ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

କଟକସଦର ଥାନା ଅଧୀନ ବ୍ରାହ୍ମଣଝରିଲୋଙ୍ଗିସ୍ଥିତ ନୋଡାଲ ହାଇସ୍କୁଲ ଖେଳପଡ଼ିଆରେ ଆଜାଦ୍ ହିନ୍ଦ୍ କ୍ଲବ ପକ୍ଷରୁ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବନମାଳୀପୁର କ୍ରିକେଟ କ୍ଲବକୁ ହରାଇ ଶ୍ୟାମସୁନ୍ଦରପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଶ୍ୟାମସୁନ୍ଦରପୁର ଟସ୍ ଜିତି ବ୍ୟାଟିଂ କରି ୫ ଓଭରରେ ୪ ଉଇକେଟ ହରାଇ ୬୬ ରନ୍ କରିଥିଲା। ଜବାବରେ ବନମାଳୀପୁର ୫ ଓଭରରେ ୭ଟି ଉଇକେଟ ହରାଇ ୫୨ ରନ୍ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସନତ ମହାନ୍ତି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମନୋଜ ରାଉତ, ଗୟାଧର ଜେନା, ଗଣେଶ ଚନ୍ଦ୍ର ସାହୁ, ଯଯାତି ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆଜାଦ୍ ହିନ୍ଦ୍ କ୍ଲବ ସଭାପତି ଜାକିର ଖାଁ, ଉପସଭାପତି ଖୁରସିଦ ଖାଁ, ସମ୍ପାଦକ ଏମ୍‌ଡି. ରେଫାକତ, ଇନୁସ୍ ଖାଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ତେବେ ଏହି ଟୁର୍ଣ୍ଣାମେଣ୍ଟରେ ୮୦ ଟିମ୍ ଭାଗ ନେଇଥିଲେ।


**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5205


## ଲୋକେ ସିଧା ଫୋନ୍ କରି ଜଣାଇବେ ଅନିୟମିତତା



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କଟକ,୨୯।୪ (କାର୍ତ୍ତିକ ସାହୁ)

■କଟକ ଜିଲାରେ ପହଞ୍ଚିଲେ ତିନି ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ

■ଯାଞ୍ଚ ହେବ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ଅଭିଯୋଗ

ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ କଟକ ଜିଲାରେ ତିନି ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୋମବାର ପହଞ୍ଚିଛନ୍ତି। ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ସୁରେଶ ଶିବନନ୍ଦନ ୧୪- କଟକ ଲୋକସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ବେଳେ ଆଇ.ଆର.ଏ.ଏସ୍ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ ୯୦-ବାରବାଟୀ କଟକ, ୯୧- ଚୌଦ୍ୱାର କଟକ ଏବଂ ୯୩- କଟକ ସଦରର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ୮୭- ବଡ଼ମ୍ବା, ୮୮-ବାଙ୍କୀ, ୮୯- ଆଠଗଡ଼ ଏବଂ ୧୨୦-ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଆଇଆରଏସ୍ ପୀୟୁଷ ବାରାସୁ ବାଧେ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅନିୟମିତତା ନଜରକୁ ଆସିଲେ ଜନସାଧାରଣ ବା ପ୍ରାର୍ଥୀ ସିଧାସଳଖ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କ ନିକଟରେ ଅଭିଯୋଗ କରିପାରିବେ। ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ପର୍ଯ୍ୟବେକ୍ଷକମାନଙ୍କ ମୋବାଇଲ ନମ୍ବର ମଧ୍ୟ ସର୍ବସାଧାରଣଙ୍କ ନିମନ୍ତେ ଜାରି କରାଯାଇଛି। ତଦନୁସାରେ, ସୁରେଶ ଶିବନନ୍ଦନ (ମୋ-୯୦୪୦୩୬୯୬୯୬), ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ (ମୋ-୭୨୦୫୪୮୦୦୭୭), ପୀୟୁଷ ବାରାସୁ ବାଧେ (ମୋ-୭୨୦୫୧୪୦୦୯୯)ଙ୍କୁ ନିର୍ବାଚନୀ ଅନିୟମିତତା ସମ୍ପର୍କିତ ଅଭିଯୋଗ ସମ୍ବନ୍ଧରେ ଜଣାଇବାକୁ ସୂଚନା ଦିଆଯାଇଛି। ଅଭିଯୋଗ ଆଧାରରେ ସେମାନେ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ଅନିୟମିତତାର ଯାଞ୍ଚ କରିବେ।

ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ରିଟର୍ଣ୍ଣିଂ ଅଫିସର, ଜିଲାର ସମସ୍ତ ଖର୍ଚ୍ଚ ପରିଚାଳନା ଅଧିକାରୀ ଓ ସହକାରୀ ଖର୍ଚ୍ଚ ପରିଚାଳନା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ସ୍ୱଚ୍ଛତାର ସହ ପରିଚାଳନା କରାଯିବା ପ୍ରତି ଯତ୍ନବାନ ହେବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଛନ୍ତି। ଏଥିସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚର ତଦାରଖ ସମ୍ପର୍କରେ ମଧ୍ୟ ସେମାନେ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ଖର୍ଚ୍ଚ ଅନିୟମିତତା ସମ୍ପର୍କରେ କୌଣସି ଅଭିଯୋଗ ଆସିଛି କି ନାହିଁ ତାହା ମଧ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସମୀକ୍ଷା କରିଥିଲେ।

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ, ଡିସିପି ପ୍ରକାଶ ଆର୍., ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦର ମୁଖ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ୍, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ଏସ୍‌ପି ଏଲ୍. ଦିବ୍ୟା, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ର, ଡେପୁଟି କଲେକ୍ଟର ନିଷ୍ଠା ମହାପାତ୍ର ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।


**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର**
**ଏଫ୍.ଏ. ନଂ. ୧୦/୨୦୨୩, ଦେବୋତ୍ତର ଆଇନର ୪୪ ଧାରା**

ଅର୍ଜୁନ ପ୍ରସାଦ ପଣ୍ଡା ଏବଂ ଅନ୍ୟ ଜଣେ ... ... ... ଆପିଲାଣ୍ଟସ
ବନାମ
ଶ୍ରୀ ଶ୍ରୀକୃଷ୍ଣ @ ଦଧିବାମନ ଜୀଉ ଏବଂ ଅନ୍ୟମାନେ ... ... ... ରେସ୍‌ପୋଡେଣ୍ଟସ

**ବିଜ୍ଞାପନ: ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍ - ୨୦**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀକୃଷ୍ଣ ଦଧିବାମନ ଜୀଉ ବିଜେ- ଖରିଆର, ପୋ./ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଅନୁଷ୍ଠାନ ଏକ ସର୍ବସାଧାରଣ ଅନୁଷ୍ଠାନ ଏବଂ ୨ ନଂ. ଦରଖାସ୍ତକାରୀ ଅଓ୍ୱଧ ନାରାୟଣ ତିଓ୍ୱାରୀ, ପିତା- ୵ଜଗନ୍ନାଥ ପ୍ରସାଦ ତିଓ୍ୱାରୀ, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଏହି ଅନୁଷ୍ଠାନର ମୌରସୀ ଟ୍ରଷ୍ଟି ବୋଲି ତା୦୯।୧୦।୨୦୦୬ରିଖ ଆଦେଶରେ ମକଦ୍ଦମା ନଂ. ଓ.ଏ.-୦୭/୨୦୦୫ (ଦେବୋତ୍ତର ଆଇନର ୪୧ ଧାରାରେ) ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ବ୍ରହ୍ମପୁର ଯଥାର୍ଥ ନୁହେଁ ଦାବିକରି ଅର୍ଜୁନ ପ୍ରସାଦ ପଣ୍ଡା, ପିତା- ୵ପରମାନନ୍ଦ ପଣ୍ଡା ଏବଂ ନିଧିସ୍ ପ୍ରସାଦ ଅଗସ୍ଥି, ପି.- ୵ବୃନ୍ଦାବନ ଅଗସ୍ଥି, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନର, ଭୁବନେଶ୍ୱର ଅଦାଲତରେ ଏଫ୍.ଏ. ନଂ.୧୦/୨୦୨୩ (ଦେବୋତ୍ତର ଆଇନର ୪୪ ଧାରା ଅନୁସାରେ) ମକଦ୍ଦମା ଦାଏର କରିଅଛନ୍ତି। ଏହି ମକଦ୍ଦମାରେ ଅଓ୍ୱଧ ନାରାୟଣ ତିଓ୍ୱାରୀ ୧ ନଂ. ପ୍ରତିବାଦୀ, ମହେଶ୍ୱରୀ ତିଓ୍ୱାରୀ ୨ ନଂ. ପ୍ରତିବାଦୀ, ଅଶ୍ୱନୀ ତିଓ୍ୱାରୀ ୩ ନଂ. ପ୍ରତିବାଦୀ (ଏମାନେ ୧ ନଂ. ପ୍ରତିବାଦୀ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କର ସ୍ତ୍ରୀ ଏବଂ ପୁଅ) ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା। ସନ୍ତୋଷ ବାରିକ, ପିତା- ସୀମାଂଚଳ ବାରିକ, ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ୪ ନଂ. ପ୍ରତିବାଦୀ ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଭାବେ ପକ୍ଷଭୁକ୍ତ କରିଅଛନ୍ତି। ଏହି ମକଦ୍ଦମାରେ ଦେବୋତ୍ତର କମିଶନରଙ୍କ ଅଦାଲତରୁ ଡାକ ମାଧ୍ୟମରେ ଏହି ୪ ଜଣ ପ୍ରତିବାଦୀଙ୍କୁ ନୋଟିସ ପଠାଯାଇଥିଲା। ସମସ୍ତଙ୍କର ନୋଟିସ ଫେରସ୍ତ ଆସିଲା, ୧ ନଂ. ପ୍ରତିବାଦୀ ଅଓ୍ୱଧ ନାରାୟଣ ତିଓ୍ୱାରୀ ମୃତ ଏବଂ ୨ ନଂ., ୩ ନଂ. ଏବଂ ୪ ନଂ. ପ୍ରତିବାଦୀ ନୋଟିସ ରଖିବା ପାଇଁ ମନା କଲେ ବୋଲି ଫେରିଆସିଥିବା ପୋଷ୍ଟାଲ ଲଫାପାରେ ଲେଖାଥିଲା। କିନ୍ତୁ ୩ ନଂ. ପ୍ରତିବାଦୀ ଅଶ୍ୱନୀ ତିଓ୍ୱାରୀ ଓକିଲ ମାଧ୍ୟମରେ ଦେବୋତ୍ତର କମିଶନରଙ୍କ ଅଦାଲତରେ ହାଜର ହେଲେ।

ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଏହି ମକଦ୍ଦମାର ୧ ନଂ. ପ୍ରତିବାଦୀ ମୃତ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କର ଯଦି ଅନ୍ୟ କେହି ଉତ୍ତରାଧିକାରୀ କେଉଁଠାରେ ଥିବେ ତାହା ହେଲେ ଆସନ୍ତା ତା୧୩।୬।୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ କରିପାରିବେ। ଅନ୍ୟଥା କାହାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ମକଦ୍ଦମା ଆଇନ ଅନୁସାରେ ବିଚାର କରାଯିବ।

ଏଥକୁ ଅଦାଲତର ସହି ମୋହର ସହିତ ଦିଆଗଲା।

ସ୍ୱା./- ଶ୍ରୀ ଲଳାଟେନ୍ଦୁ ଜେନା
(ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ), ଭୁବନେଶ୍ୱର



**IN THE DEBTS RECOVERY TRIBUNAL: CUTTACK**
**C/71, SECTOR-7, CDA, CUTTACK-753014**
**O. A. No. 575/2023**

State Bank of India ...Applicant
Vs
ABASS ALLI KHAN ... Defendants

1. **Abass Alli Khan**, aged about 35 yrs, S/o.: Hamza Alli Khan, residing at Plot No.: 523/6150, Canal Road, Near Om Gurukul Public School, Badagada, Bhubaneswar-751018

**Summons by paper publication for showing cause as to Why reliefs prayed for should not be granted**

Take notice that the applicant has instituted **OA No. 575/2023** in the Debts Recovery Tribunal, Cuttack for recovery of **Rs. 41,61,963.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on **24.06.2024 at 10.30 A.M.** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this tribunal on this 22nd day of month April 2024.

By order of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal



**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 61 / 2023**

State Bank of India .... Applicant
Vs.
Smt. Rajeswari Satpathy & Ors. .... Defendants

To,
1. **Smt. Rajeswari Satpathy,** aged about 46 yrs, W/o- Sarojkanta Satpathy,
2. **Sri Sarojkanta Satpathy,** aged about 51 yrs, S/o- Muralidhar Satpathy,
Both residing at Plot No. 1576/3110, Sasan Padia, Bhubaneswar-751002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 61/23** in the Debts Recovery Tribunal, Cuttack for recovery of **Rs.48,56,928.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **05.06.2024 at 10.30 AM** positively as to why the reliefs prayed for should not be granted.

Take notice that in case of default the original application shall be heard and disposed off exparte in your absence.

Given under hand and seal of this Tribunal on this **23rd day of Month April, 2024.**

By orders of this Tribunal
Sd/- (Nikhila Ranjan Pati)
Registrar
Debts Recovery Tribunal

# ନୟାହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ମାସ ହେବ ନାହାନ୍ତି ଡାକ୍ତର

ଯୋଗେଶ୍ୱରପୁର, ୨୯।୪ (ରଶ୍ମିରଞ୍ଜନ ସାହୁ)

ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପୁରୀ ଜିଲା ନୟାହାଟରେ ଛୋଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨ ମାସ ହେଲା ଡାକ୍ତର ନ ଥିବା ଦେଖିବାକୁ ମିଳିଛି। ଫଳରେ ନୟାହାଟ ଅଞ୍ଚଳର ୬ ଟି ପଞ୍ଚାୟତର ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଲୋକେ ଚିକିତ୍ସା ପାଇଁ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଡାକ୍ତର ନ ଥିବାରୁ ରୋଗୀ ନିରାଶ ହୋଇ ଫେରୁଛନ୍ତି।




ଫଳରେ ଧୁମାଳ, ଜଗଲବରୀ, ଦେଓ୍ୱଳୀ, ସୋରଭା, ଇସାନପୁର ଓ ବଉଲାଙ୍ଗ ପଞ୍ଚାୟତର ନିରୀହ ଗରିବ ଲୋକମାନେ ପ୍ରାଥମିକ ଚିକିତ୍ସା ପାଇଁ ଚାରିଛକ, ନିମାପଡ଼ା, ନିଆଳି ଓ ଭୁବନେଶ୍ୱର, ଅଞ୍ଚଳକୁ ଅଧିକ ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି। ନୟାହାଟ

## ୬୦ ହଜାର ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ

ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ନୟାହାଟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହିତ ଧୁମାଳ ପଞ୍ଚାୟତ ସରପଞ୍ଚ ମୋନାଲିସା ସିଂ, ଯୁବନେତା ଅଭି ସିଂ, ସମିତି ସଭ୍ୟା ଭନୁମତି ମାଣିକ, ବରିଷ୍ଠ ମଞ୍ଚର ସଭ୍ୟ ସୁରେନ୍ଦ୍ର ବିଟି, ସଭାପତି କାହ୍ନୁଚରଣ ସାହୁ, କୈଳାସ ସାହୁ, ଯୁବନେତା ମକର ଧ୍ୱଜ ସ୍ୱାଇଁ, ଇସାଣପୁର ପଞ୍ଚାୟତ ବିନୋଦିନି ପାଳ, ସୋରଭା ପଞ୍ଚାୟତ ସରପଞ୍ଚ କିଶୋର ସେଠୀ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଲଙ୍କପଡ଼ା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ, ୨୯।୪ (ଶିଶିର ସ୍ୱାଇଁ):

ଚାରିଛକ ଥାନା ଅଧୀନ ଲଙ୍କପଡ଼ା ଗ୍ରାମରେ ପର୍ଶୁରାମ ମହାରଣା ତତ୍ତ୍ୱାବଧାନରେ ମା' ଲଙ୍କେଶ୍ୱରୀ ପୀଠରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ କର୍ତ୍ତା ଭଆବେ ଗ୍ରାମର ଲକ୍ଷ୍ମୀଧର ମହାପାତ୍ର, କର୍ତ୍ତୀ ଭାବେ ବିନି ମହାପାତ୍ର ପୂଜା କର୍ମରେ ବସିଥିଲେ। ଗ୍ରାମ ପୋଖରୀରୁ ସ୍ୱତନ୍ତ୍ର ନୀତି ନିୟମ ଅନୁସାରେ ଘଣ୍ଟ ପଖୋଜ ବଜାଇ ନାମ କୀର୍ତ୍ତନ କରି କଳସ ପାଣି ଆଣି କୁଞ୍ଜରେ ସ୍ଥାପନ କରାଯାଇଥିଲା। ଏଥିରେ ପୂଜକ ପଣ୍ଡିତ ନିଧି ଚରଣ ଦାଶ ପୂଜା କାର୍ଯ୍ୟ କରୁଥିବାବେଳେ ଗ୍ରାମର ପ୍ରଶାନ୍ତ ମହାରଣା, ବନ୍ଟୁ ଦାସ, ରାଜେଶ ଦାସ ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତାପସ ଜେନା, କାଳନ୍ଦୀ ମହାରଣା, ସୁରାଜ ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

### 'ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ'

ସାକ୍ଷୀଗୋପାଳ, ୨୯।୪ (ଭରତ ରାଉତ)

ବିରାଟ ଶୋଭାଯାତ୍ରା, ନାଚ, ଆତସବାଜି ଫୁଟା ଓ ଜିନ୍ଦାବାଦ ନାରା ମଧ୍ୟରେ ସୋମବାର ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି କଣାସ ବ୍ଲକର କାଦୁଆ ଗ୍ରାମ ପଞ୍ଚାୟତର ସୁନାଖଳା ଗ୍ରାମଦେବତୀ ମା' ଗଡ଼ଚଣ୍ଡିଙ୍କ ଓ କଣାସର ଆରାଧ୍ୟ ଦେବୀ ମା' କୁଞ୍ଜେଶ୍ୱରୀଙ୍କ ଆର୍ଶୀବାଦ ନେଇଥିଲେ। ସେଠାରୁ ନୂଆ ଜଗନ୍ନାଥ ସଡ଼କ ଦେଇ ଏକ ବିରାଟ ଶୋଭଯାତ୍ରାରେ ଶୁକଳ ଛକ ଦେଇ ସାକ୍ଷୀଗୋପୀନାଥ ଓ ମା' ଶ୍ରୀରାଧାରାଣୀଙ୍କ ଆଶୀର୍ବାଦ ଭିକ୍ଷା କରି ନାମାଙ୍କନ ଦାଖଲ ନିମନ୍ତେ ବାହାରିଥିଲେ। ନିଜ ଦଳୀୟ କର୍ମୀ, କର୍ମକର୍ତ୍ତା, ସମର୍ଥକ ଓ ଶୁଭେଚ୍ଛୁଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ତାଙ୍କର ଲକ୍ଷ୍ୟ। ପଞ୍ଚସଖାଙ୍କ ପବିତ୍ର ସାଧନାର ଭୂମି ସତ୍ୟବାଦୀ। ସେହି ଭୂମିର ସେବା କରିବାର ସୁଯୋଗ ପାଇବା ତାଙ୍କ ଜୀବନର ସବୁଠୁ ବଡ଼ ମହାର୍ଘ ଉପଲବ୍ଧି। ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ସୁଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ଶୋଭାଯାତ୍ରାରେ ପୁରୀ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା, କଣାସ ବ୍ଲକ ଅଧକ୍ଷ ପ୍ରଭାତୀ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ଘଟୁଆରୀ ପ୍ରମୁଖ ସାମିଲ ଥିଲେ।

# ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

କୋଣାର୍କ, ୨୯।୪ (ଜ୍ୟୋତିରାଜ ମହାନ୍ତି)

କୋଣାର୍କରେ ଥିବା ପୁରୀ ଜିଲାର ଏକମାତ୍ର ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଅନ୍ୟତମ ଅତିଥି ଭାବେ କାନାରା ବ୍ୟାଙ୍କ ପରିଚାଳକ ମନୋଜ ପ୍ରଭାକର, ଜବାହର ନବୋଦୟ ବିଦ୍ୟାଳୟ ପ୍ରିନ୍ସିପାଲ ନୃସିଂହ ଚରଣ କର, ଭାଇସ ପ୍ରିନ୍ସିପାଲ ସୁନିତ ସ୍ୱାଇଁ, ନବୋଦୟ ନେତୃତ୍ୱ ସଂସ୍ଥାନ ସହ ସଂଯୋଜକ ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଧକ୍ଷ କର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରି ବିଗତ ବର୍ଷରେ ବିଦ୍ୟାଳୟର କୃତିତ୍ୱ ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରମେଶ ଯାଦବ ଓ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ବେହେରା ମଞ୍ଚ ସଂଯୋଜନା କରିଥିଲେ। ଉତ୍ସବରେ ଶିକ୍ଷକ ପ୍ରତାପ ସାହୁ, ଲକ୍ଷ୍ମୀଧର ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷ ପର୍ଯ୍ୟାୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକମାନେ ଯୋଗଦେଇଥିଲେ।

## ପୃଥକ୍ ମାମଲାରେ ୫ ଗିରଫ

ଭୁବନେଶ୍ୱର, ୨୯।୪ (ସୂର୍ଯ୍ୟକାନ୍ତ ବେହେରା)

ବେପରୁଆ ଗାଡିଚାଳନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ପୃଥକ ମାମଲାରେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଙ୍ଗାଳୀ ସାହିର ଦୁଇ ଭାଇ ସଞ୍ଜୀତି ଶର୍ମା ଓ ଆଲୋକ ଶର୍ମା ଏବଂ ଅନ୍ୟ ଜଣେ ସଞ୍ଜୀବ କୁମାର ଗୁପ୍ତା। ସେହିପରି ଅନ୍ୟଏକ ଗୋଷ୍ଠୀର ବିନୟ କୁମାର ଦାସ ଓ ଗୌତମ କୁଣ୍ଡୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଜଣେ ଅଭିଯୋଗକାରିଣୀ କମଳିନୀ ଗୁପ୍ତା ବଙ୍ଗାଳୀ ସାହିର କିଛି ମହିଳାଙ୍କ ସହିତ କଥା ହେଉଥିଲେ। ଏହିସମୟରେ ଅନ୍ୟ ଗୋଷ୍ଠୀର ବିକ୍ରମ ଓରଫ ଗୁଡୁ ବେପରୁଆ ଭାବେ କାରକୁ ଦ୍ରୁତ ଗତିରେ ଆଣି ସେମାନଙ୍କ ଆଡକୁ ମାଡି ଆସିଥିଲେ। ଏହାକୁ କମଳିନୀ ବିରୋଧ କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ କମଳିନୀ ସଞ୍ଜୀବ, ଆଲୋକ, ସଞ୍ଜୀତି ଓ ଅନ୍ୟମାନେ ବିକ୍ରମଙ୍କ ଘର ନିକଟକୁ ଯାଇ ଗାଳି ଗୁଲଜ କରିଥିଲେ। ଏନେଇ ଉଭୟ ପକ୍ଷରୁ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଚପଲ ପିନ୍ଧି ମହାପ୍ରଭୁଙ୍କ ଖଣ୍ଡୁଆ, ପଟନୀ ପକାଇ ଆସିଲେ ନେତା

ପୁରୀ, ୨୯।୪ (ଅଜିତ୍ ମହାନ୍ତି)

ସାଧାରଣତଃ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ରାଜନେତା, ଖେଳାଳି, ଅଭିନେତା ଆଦି ଭିଆଇପି ଭକ୍ତମାନଙ୍କୁ ସମସ୍ତଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥାଏ। ଏହି କ୍ରମରେ ସାଧାରଣ ନିର୍ବାଚନ ନିମନ୍ତେ ସୋମବାର ପୁରୀଜିଲାପାଳଙ୍କ କାର୍ଯ୍ୟାଳୟକୁ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା କେତେଜଣ ନେତା ଓ ତାଙ୍କ ସମର୍ଥକମାନେ ବେକରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପକାଇଥିବା ଦେଖିବାକୁ ମିଳିଥିଲା। କେବଳ ଖଣ୍ଡୁଆ ବା ଗୀତଗୋବିନ୍ଦ ପାଟ ନୁହେଁ, ଏପରିକି ମହାପ୍ରଭୁ ପରିଧାନ କରୁଥିବା ପଟନି ମଧ ବେକରେ ପକାଇଥିବା ପରିଲକ୍ଷିତ ହୋଇଥିଲା। ନେତାମାନେ ଜୋତା ପିନ୍ଧି ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପଟନୀ ପକାଇବା ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଜଗନ୍ନାଥପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳରେ ଔଷଧ ବଣ୍ଟନ




ଆକ୍ରାନ୍ତଙ୍କୁ ଔଷଧ ବଣ୍ଟନ କରାଯାଉଛି ।

ପୁରୀ, ୨୯।୪ (ଅଜିତ୍ ମହାନ୍ତି)

## ପାଣି ନମୁନା ସଂଗ୍ରହ କଲା ସ୍ୱାସ୍ଥ୍ୟ ବିଭାଗ

ପୁରୀ ପୌରାଞ୍ଚଳ ୱାର୍ଡ ନମ୍ବର ୯ରେ ବ୍ୟାପିଥିବା ଝାଡ଼ାବାନ୍ତିର ଉପଚାର ଏବଂ ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୋମବାର ମଧ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ତ୍ୱରାନିତ କରାଯାଇଛି। ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ୮ଟି ଟିମ୍ ଗଠନ କରାଯାଇ ଝାଡାବାନ୍ତି ବ୍ୟାପି ଥିବା ୱାର୍ଡ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘରକୁ ଘର ବୁଲି ସର୍ଭେ କରାଯାଇଛି। ଏଥିସହିତ ଓଆର୍‌ଏସ୍, ହାଲୋଜେନ ବଟିକା ଏବଂ ଔଷଧ ଇତ୍ୟାଦି ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଟିମ୍ ମୋଟ ୧୦୨୧ଟି ଘର ସର୍ଭେ କରିଥିଲା। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଏକ ଡାକ୍ତରୀ ଟିମ ଉକ୍ତ ଅଞ୍ଚଳରୁ ପାଣି ଏବଂ ଝାଡ଼ା ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିବା ସହିତ ସ୍ଥିତି ସୁଧାର ନିମନ୍ତେ ପ୍ରୟାସ କରୁଛନ୍ତି। ଖାଦ୍ୟ ସୁରକ୍ଷା ଟିମ୍ ମଧ ଉକ୍ତ ଅଞ୍ଚଳ ପରିଦର୍ଶନ କରି ଖାଦ୍ୟ ନମୁନା ଯାଞ୍ଚ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେହିପରି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଓଆର୍‌ଏସ୍, ହାଲୋଜେନ ବଟିକା ଏବଂ ଔଷଧ ପ୍ରଦାନ କରାଯିବା ସହିତ ସଚେତନ କରାଯାଇଛି। ଡାକବାଜି ଯନ୍ତ୍ର ମାଧମରେ ସଚେତନ କରାଯିବା ସହ ସଚେତନତା ବାର୍ତ୍ତା ପତ୍ରିକା ବଣ୍ଟନ କରାଯାଇଛି।

# ୧୦ ଲକ୍ଷ ୯୦ ହଜାର ମୂଲ୍ୟର ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା, ୨୯।୪ (ରଞ୍ଜନ ପଟ୍ଟନାୟକ)

ବେଆଇନ ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ନିମାପଡ଼ା ଥାନା ଅଧୀନ ଓମ୍‌ଫେଡ୍ ଛକସ୍ଥିତ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ନିକଟରେ ଚଢ଼ାଉ କରି ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ରମେଶ ଚନ୍ଦ୍ର ରାଉତ(୬୦)। ତାଙ୍କ ପାଖରୁ ପୋଲିସ ୧୦୯ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର



ମୂଲ୍ୟ ପ୍ରାୟ ୧୦ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଅବକାରୀ ଥାନା ପକ୍ଷରୁ ଜଣାପଡ଼ିଛି। ଏନେଇ ଅବକାରୀ ଥାନା ନଂ. ୧୨/୨୪ରେ ମାମଲା କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦେଇଛନ୍ତି। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲା। ଏଥିରେ ଅବକାରୀ ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ଶେଖ୍ ୱାରିସ୍, ସ୍ୱାଗତିକା ଘଡ଼େଇ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5205

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜ

ଟାଙ୍ଗୀ, ୨୯।୪ (ରଘୁନାଥ ସାହୁ)

ପାଖେଇଆସୁଛି ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ ଚିଲିକା, ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ତୈଳିକ ବୈଶ୍ୟ ସାଧବ ସମାଜର ୩ ଜଣଙ୍କୁ ବିଧାୟକ ପ୍ରାର୍ଥୀଭାବେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଚିଲିକାରୁ ରଘୁନାଥ ସାହୁ, ଖୋର୍ଦ୍ଧାରୁ ରାଜେନ୍ଦ୍ର କୁମାର ସାହୁ, ବେଗୁନିଆରୁ ପ୍ରଦୀପ ସାହୁଙ୍କ ନାମ ଘୋଷଣା କରାଯାଇଥିବାରୁ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅମାନିଆ ଅଟୋ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ପୁରୀ, ୨୯।୪ (ଅଜିତ୍ ମହାନ୍ତି):

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୁରୀ ସ୍ପେଶାଲ ସର୍କିଟ ହାଉସଠାରେ ଜିଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଏସ୍‌ଡିଏମ୍ ତଥା ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଡିଏସ୍‌ପି (ଟ୍ରାଫିକ), ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ, ଓଆଇସି (ଜିଆର୍‌ପିଏସ୍) ଅଟୋ ରିକ୍ସା ମହାସଂଘ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସାମିଲ୍ ଥିଲେ। ଗାଡ଼ି ଚଳାଇବା ବେଳେ ନିଶା ସେବନ ନ କରିବା, ମୋବାଇଲ ଫୋନ୍ ବ୍ୟବହାର ନ କରିବା, ପାସେଞ୍ଜର ଓଭର ଲୋଡ ନ କରିବା, ନିର୍ଦ୍ଧାରିତ ହୋଇଥିବା ଦରତାଲିକା ଗାଡ଼ିରେ ଲଗାଇବା,

## ପର୍ଯ୍ୟଟକଙ୍କ ଉପରେ ଶୋଷଣ ରୋକିବା ପାଇଁ କମିଟି ଗଠିତ

ଏଣେତେଣେ ପାର୍କିଂ ନ କରିବାକୁ ଏବଂ ପ୍ରତ୍ୟେକ ଗାଡ଼ିର ଲାଇସେନ୍ସ ଓ ସମସ୍ତ କାଗଜପତ୍ର ଅପଡେଟ ରଖି ଦେଶବିଦେଶରୁ ଆସୁଥିବା ଅତିଥି ବା ପର୍ଯ୍ୟଟକଙ୍କ ଉପରେ ଶୋଷଣ ନ କରିବା ଏବଂ ଏସବୁ ନିୟମ ମାନି ଚଳିବାକୁ ପୋଲିସ୍ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ପର୍ଯ୍ୟଟକଙ୍କ ଉପରେ ହେଉଥିବା ଶୋଷଣକୁ ରୋକିବା ଏବଂ ଅମାନିଆ ଅଟୋ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିବା ସୂଚନା ଦେଇଥିଲେ। କମିଟିରେ ଉପଜିଲାପାଳ ଅଧକ୍ଷ ରହିଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ଉପାଧକ୍ଷ ରହିଛନ୍ତି। ସେହିପରି ସମସ୍ତ ଥାନା ଅଧିକାରୀ ଏହି କମିଟିରେ ସଦସ୍ୟ ରହିଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବିନ୍ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ପରିବହନ, ପୋଲିସ ଓ ଟ୍ରାଫିକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ନିୟମ ମାନି ଚଳିବାକୁ ଓ ସାଧାରଣ ଜନତା ଓ ବିଶେଷ କରି ପର୍ଯ୍ୟଟକଙ୍କ ଧନ ଜୀବନ ଉପରେ କଠୋର ନ ହୋଇ ନିର୍ଦ୍ଧାରିତ ଦର ଲାଗୁ କରି ପର୍ଯ୍ୟାପ୍ତ ସୁବିଧା, ସୁରକ୍ଷା ଓ ଉତ୍ତମ ବ୍ୟବହାର ଯୋଗାଇ ଦେବାକୁ ଅଟୋ ଚାଳକଙ୍କୁ ତାଗିଦ୍ କରାଯାଇଥିଲା। ସେହିପରି ଆସନ୍ତା ୧୫ ଦିନ ମଧ୍ୟରେ ଅଟୋରିକ୍ସା ଲାଇସେନ୍ସ ଓ ଅନ୍ୟ କାଗଜପତ୍ର ଅପଡେଟ ନ ରଖିଲେ ଅମାନିଆ ଅଟୋ ଚାଳକଙ୍କ ବିରେଧରେ କମିଟି ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର**

**ଏଫ୍.ଏ. ନଂ. ୧୦/୨୦୨୩, ଦେବୋତ୍ତର ଆଇନର ୪୪ ଧାରା**

ଅର୍ଜୁନ ପ୍ରସାଦ ପଣ୍ଡା ଏବଂ ଅନ୍ୟ ଜଣେ ... ... ... ଆପିଲାଣ୍ଟସ

ବନାମ

ଶ୍ରୀ ଶ୍ରୀକୃଷ୍ଣ @ ଦଧିବାମନ ଜୀଉ ଏବଂ ଅନ୍ୟମାନେ ... ... ... ରେସ୍‌ପୋଡେଣ୍ଟସ

**ବିଜ୍ଞାପନ: ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍ - ୨୦**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀକୃଷ୍ଣ ଦଧିବାମନ ଜୀଉ ବିଜେ- ଖରିଆର, ପୋ./ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଅନୁଷ୍ଠାନ ଏକ ସର୍ବସାଧାରଣ ଅନୁଷ୍ଠାନ ଏବଂ ୨ ନଂ. ଦରଖାସ୍ତକାରୀ ଅଓ୍ୱଧ ନାରାୟଣ ତିଓ୍ୱାରୀ, ପିତା- ୰ଜଗନ୍ନାଥ ପ୍ରସାଦ ତିଓ୍ୱାରୀ, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଏହି ଅନୁଷ୍ଠାନର ମୌରସୀ ଟ୍ରଷ୍ଟି ବୋଲି ତା୦୯।୧୦।୨୦୦୬ରିଖ ଆଦେଶରେ ମକଦ୍ଦମା ନଂ. ଓ.ଏ.-୦୭/୨୦୦୫ (ଦେବୋତ୍ତର ଆଇନର ୪୧ ଧାରାରେ) ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ବ୍ରହ୍ମପୁର ଯଥାର୍ଥ ନୁହେଁ ଦାବିକରି ଅର୍ଜୁନ ପ୍ରସାଦ ପଣ୍ଡା, ପିତା- ୰ପରମାନନ୍ଦ ପଣ୍ଡା ଏବଂ ନିଧିସ୍ ପ୍ରସାଦ ଅଗସ୍ତି, ପି.- ୰ବୃନ୍ଦାବନ ଅଗସ୍ତି, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନର, ଭୁବନେଶ୍ୱର ଅଦାଲତରେ ଏଫ୍.ଏ. ନଂ.୧୦/୨୦୨୩ (ଦେବୋତ୍ତର ଆଇନର ୪୪ ଧାରା ଅନୁସାରେ) ମକଦ୍ଦମା ଦାଏର କରିଅଛନ୍ତି। ଏହି ମକଦ୍ଦମାରେ ଅଓ୍ୱଧ ନାରାୟଣ ତିଓ୍ୱାରୀ ୧ ନଂ. ପ୍ରତିବାଦୀ, ମହେଶ୍ୱରୀ ତିଓ୍ୱାରୀ ୨ ନଂ. ପ୍ରତିବାଦୀ, ଅଶ୍ୱନୀ ତିଓ୍ୱାରୀ ୩ ନଂ. ପ୍ରତିବାଦୀ (ଏମାନେ ୧ ନଂ. ପ୍ରତିବାଦୀ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କର ସ୍ତ୍ରୀ ଏବଂ ପୁଅ) ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା। ସନ୍ତୋଷ ବାରିକ, ପିତା- ସୀମାଂଚଳ ବାରିକ, ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ୪ ନଂ. ପ୍ରତିବାଦୀ ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଭାବେ ପକ୍ଷଭୁକ୍ତ କରିଅଛନ୍ତି। ଏହି ମକଦ୍ଦମାରେ ଦେବୋତ୍ତର କମିଶନରଙ୍କ ଅଦାଲତରୁ ଡାକ ମାଧ୍ୟମରେ ଏହି ୪ ଜଣ ପ୍ରତିବାଦୀଙ୍କୁ ନୋଟିସ ପଠାଯାଇଥିଲା। ସମସ୍ତଙ୍କର ନୋଟିସ ଫେରସ୍ତ ଆସିଲା, ୧ ନଂ. ପ୍ରତିବାଦୀ ଅଓ୍ୱଧ ନାରାୟଣ ତିଓ୍ୱାରୀ ମୃତ ଏବଂ ୨ ନଂ., ୩ ନଂ. ଏବଂ ୪ ନଂ. ପ୍ରତିବାଦୀ ନୋଟିସ ରଖିବା ପାଇଁ ମନା କଲେ ବୋଲି ଫେରିଆସିଥିବା ପୋଷ୍ଟାଲ ଲଫାପାରେ ଲେଖାଥିଲା। କିନ୍ତୁ ୩ ନଂ. ପ୍ରତିବାଦୀ ଅଶ୍ୱନୀ ତିଓ୍ୱାରୀ ଓକିଲ ମାଧ୍ୟମରେ ଦେବୋତ୍ତର କମିଶନରଙ୍କ ଅଦାଲତରେ ହାଜର ହେଲେ।

ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଏହି ମକଦ୍ଦମାର ୧ ନଂ. ପ୍ରତିବାଦୀ ମୃତ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କର ଯଦି ଅନ୍ୟ କେହି ଉତ୍ତରାଧିକାରୀ କେଉଁଠାରେ ଥିବେ ତାହା ହେଲେ ଆସନ୍ତା ତା୧୩।୬।୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ କରିପାରିବେ। ଅନ୍ୟଥା କାହାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ମକଦ୍ଦମା ଆଇନ ଅନୁସାରେ ବିଚାର କରାଯିବ।

ଏଥିକୁ ଅଦାଲତର ସହି ମୋହର ସହିତ ଦିଆଗଲା।

ସ୍ୱା./- ଶ୍ରୀ ଲଲାଟେନ୍ଦୁ ଜେନା
(ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ), ଭୁବନେଶ୍ୱର

**IN THE DEBTS RECOVERY TRIBUNAL: CUTTACK**
**C/71, SECTOR-7, CDA, CUTTACK-753014**
**O. A. No. 575/2023**

State Bank of India ...Applicant
Vs
ABASS ALLI KHAN ... Defendants

1. **Abass Alli Khan,** aged about 35 yrs, S/o.: Hamza Alli Khan, residing at Plot No.: 523/6150, Canal Road, Near Om Gurukul Public School, Badagada, Bhubaneswar-751018

**Summons by paper publication for showing cause as to Why reliefs prayed for should not be granted**

Take notice that the applicant has instituted **OA No. 575/2023** in the Debts Recovery Tribunal, Cuttack for recovery of **Rs. 41,61,963.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on **24.06.2024 at 10.30 A.M.** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this tribunal on this 22nd day of month April 2024.

By order of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal

**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 61 / 2023**

State Bank of India .... Applicant
Vs.
Smt. Rajeswari Satpathy & Ors. .... Defendants

To,

1. **Smt. Rajeswari Satpathy,** aged about 46 yrs, W/o- Sarojkanta Satpathy,
2. **Sri Sarojkanta Satpathy,** aged about 51 yrs, S/o- Muralidhar Satpathy,

Both residing at Plot No. 1576/3110, Sasan Padia, Bhubaneswar-751002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 61/23** in the Debts Recovery Tribunal, Cuttack for recovery of **Rs.48,56,928.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **05.06.2024 at 10.30 AM** positively as to why the reliefs prayed for should not be granted.

Take notice that in case of default the original application shall be heard and disposed off exparte in your absence.

Given under hand and seal of this Tribunal on this **23rd day of Month April, 2024.**

By orders of this Tribunal
Sd/- (Nikhila Ranjan Pati)
Registrar
Debts Recovery Tribunal

## ସଂକ୍ଷେପରେ

### ଗାଡ଼ି ମରାମତି ଟଙ୍କା ମାଗିବାରୁ ଛୁରିରେ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୨୯।୪(ସୂର୍ଯ୍ୟକାନ୍ତ ବେହେରା):** ଗାଡି ମରାମତି ଟଙ୍କା ମାଗିବାରୁ ଜଣେ ଯୁବକଙ୍କୁ ଛୁରିରେ ଆକ୍ରମଣ ମାମଲାରେ ସୋମବାର ଖଣ୍ଡଗିରି ଥାନା ପୋଲିସ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ବାଙ୍କୀ ଥାନା ହରିଦାସପୁର ଗ୍ରାମର ଦୁଷ୍ମନ୍ତ ସାହୁ ଓରଫ ବୁଟୁ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ଦିନେଶ ରଞ୍ଜନ ଦାସ ଅଭିଯୁକ୍ତ ଦୁଷ୍ମନ୍ତ ଓ ତାଙ୍କ ଭାଇ ଗୁଡୁଙ୍କ ସହ ପୂର୍ବରୁ ପରିଚିତ। ଗତ ୪ ଏପ୍ରିଲରେ ଦୁଷ୍ମନ୍ତର ଭାଇ ଗୁଡୁ ଦିନେଶଙ୍କଠାରୁ ଏକ ମୋଟରସାଇକଲ ମାଗି ନେଇଥିଲେ। କୌଣସି ଏକ ସ୍ଥାନରେ ଦୁର୍ଘଟଣା ଘଟି ଗାଡିଟି ଭାଙ୍ଗି ଯାଇଥିଲା। ତେଣୁ ଗାଡିକୁ ମରାମତି କରି ଦେବାପାଇଁ ଦିନେଶ ଗୁଡୁଙ୍କୁ କହିଥିଲେ। ହେଲେ ସେ ନ ଶୁଣିବାରୁ ପରବର୍ତ୍ତୀ ସମୟରେ ଦିନେଶ ଗାଡି ମରାମତି କରିଦେଇଥିଲେ। ଏଥିପାଇଁ ୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଖର୍ଚ୍ଚ ଦୁଷ୍ମନ୍ତ ଦେବାପାଇଁ କଥା ହୋଇଥିଲା। କିନ୍ତୁ ଦୁଇ ତିନିଦିନ ପରେ ଦୁଷ୍ମନ୍ତ ଓ ତାଙ୍କ ଭାଇ ୨୫୦୦ ଶହ ଟଙ୍କା ଦେବେ ବୋଲି କହିଥିଲେ। ଏଥିରେ ଦିନେଶ ରାଜି ହୋଇ ନ ଥିଲେ। ଦିନେଶ ବାରମ୍ବାର ଗାଡି ମରାମତି ବାବଦକୁ ୫ହଜାର ଟଙ୍କା ମାଗିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ୨୬ ତାରିଖରେ ଦିନେଶ ପୁଣିଥରେ ଟଙ୍କା ମାଗିବା ସହ ନ ଦେଲେ ଥାନାରେ ଅଭିଯୋଗ କରିବେ ବୋଲି ଅଭିଯୁକ୍ତଙ୍କୁ କହିଥିଲେ। ଏଥିରେ ରାଗିଯାଇ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୁଷ୍ମନ୍ତ, ଗୁଡୁ ଓ ଜଣେ ସହଯୋଗୀ ଦିନେଶଙ୍କୁ ଅଟକାଇ ହତ୍ୟା ଉଦ୍ଦେଶ୍ୟରେ ପଛରୁ ବାରମ୍ବାର ଛୁରି ଭୁସିଥିଲେ। ଦିନେଶ ଚିତ୍କାର କରିବାରୁ କେତେଜଣ ଲୋକ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଦୁଷ୍ମନ୍ତକୁ ଗିରଫ କରି ଜେଲ ପଠାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଯଶୋବନ୍ତ ସାମଲଙ୍କ 'ଅଳ୍ପ ଗଳ୍ପ' ଉନ୍ମୋଚିତ

**ଆପଣାର କଥା ଭଳି ଲାଗୁଥିବା ଗପର ଆୟୁଷ ଦୀର୍ଘସ୍ଥାୟୀ**

**ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ):** କଥାକାର ଡ. ଯଶୋବନ୍ତ ସାମଲଙ୍କ ଅଷ୍ଟମ ଗଳ୍ପ ସଂକଳନ 'ଅଳ୍ପ ଗଳ୍ପ' ରେଡ୍‌କ୍ରସ ଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବରେଣ୍ୟ ଅତିଥିଭାବେ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଡ. ଗୌରହରି ଦାସ ଯୋଗଦେଇ ଯେଉଁ ଗପ ପାଠକର ମନକୁ ଚହଲାଇ ଦିଏ, ଆପଣାର କଥା ଭଳି ଲାଗେ, ତାହାର ଆୟୁଷ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ ସଭାରେ ପୌରୋହିତ୍ୟ କରିଥିବାବେଳେ ଡ. ଅଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକ ସମ୍ପର୍କରେ ଅଧ୍ୟାପକ ଡ. ବିରଞ୍ଚି କୁମାର ସାହୁ ଆଲୋଚନା କରିଥିବାବେଳେ କବି ଈପ୍ସିତା ଷଡ଼ଙ୍ଗୀ, ଅଧ୍ୟାପକ ହରେକୃଷ୍ଣ ଦାସ ଗଳ୍ପ ପାଠ କରିଥିଲେ। ବିଦ୍ୟାପୁରୀ ପ୍ରକାଶନୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ୯ ଆସନ ପାଇଁ ନାମାଙ୍କନ ଆରମ୍ଭ

**୭ରେ ପ୍ରାର୍ଥୀପତ୍ର ଯାଞ୍ଚ, ୯ରେ ପ୍ରତ୍ୟାହାର**

■ ମେ'୨୫ରେ ଭୋଟ ଗ୍ରହଣ

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ନିର୍ବାଚନ କମିଶନ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଏହି ପ୍ରକ୍ରିୟା ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହୋଇଛି। ମେ' ୬ ଯାଏ ନାମାଙ୍କନ ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ସେହିପରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ୯ ତାରିଖ ରହିଛି। ୨୫ ତାରିଖରେ ମତଦାନ ଏବଂ ଜୁନ୍ ୪ରେ ଭୋଟ ଗଣତି କରାଯିବ। ଜିଲାର ଭୁବନେଶ୍ୱର ଲୋକ ସଭା ଆସନ ସହ ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଚିଲିକା, ଜୟଦେବ, ଭୁବନେଶ୍ୱର ଏକାମ୍ର, ମଧ୍ୟ ଓ ଉତ୍ତର ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ସମସ୍ତ ବିଧାନସଭା କ୍ଷେତ୍ରରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ।

ଖୋର୍ଦ୍ଧା ଜିଲାରେ ୧୮ଲକ୍ଷ ୬୫ ହଜାର ୪୫୫ ଭୋଟର ରହିଛନ୍ତି। ସେଥିରୁ ୯,୭୧,୫୫୪ ପୁରୁଷ ଏବଂ ୮,୯୩,୩୪୧ ମହିଳା ରହିଛନ୍ତି। ତୃତୀୟଲିଙ୍ଗ ୫୬୦ ରହିଥିବା ବେଳେ ଯୁବ ଭୋଟରଙ୍କ ସଂଖ୍ୟା ୩୫,୩୦୮ ରହିଛି। ୮ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୯୦୭ ମତଦାନ କେନ୍ଦ୍ର ରହିଛି। ସେଥିରୁ ସହରାଞ୍ଚଳରେ ୭୨୦ ଏବଂ ଗ୍ରାମାଞ୍ଚଳରେ ୧୧୮୭ ରହିଛି। ଜୟଦେବ ଓ ବେଗୁନିଆକୁ ବାଦ୍‌ଦେଲେ ଅନ୍ୟ ନିର୍ବାଚନମଣ୍ଡଳୀରେ ସହରାଞ୍ଚଳ ଭୋଟର ରହିଛନ୍ତି। ଚଳିତବର୍ଷ ୫୨୪ଟି ପିଙ୍କ୍ ତଥା ସଖୀ ବୁଥ୍ କରାଯାଇଛି। ଏହି ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ୧୪୯ ବୁଥ୍‌ରେ ମହିଳାମାନେ ପ୍ରମୁଖ ଦାୟିତ୍ୱ ତୁଲାଇବେ। ୩୦ଟି ବୁଥ୍‌ରେ ୩୦ ବର୍ଷରୁ କମ୍ ଯୁବ ଅଧିକାରୀମାନେ ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି। ଏଥିସହିତ ପ୍ରତି ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏ ଦିବ୍ୟାଙ୍ଗ ବୁଥ୍ କେନ୍ଦ୍ର ରହିବ। ନିର୍ବାଚନ ପରିଚାଳନା ପାଇଁ ଜିଲାର ପ୍ରାୟ ୧୩,୭୮୨ ପୋଲିଂ ଅଧିକାରୀ ନିଯୁକ୍ତ ହେବେ। ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ରିଟର୍ନିଂ ଅଫିସରଭାବେ ଅତିରିକ୍ତ ଉପଜିଲାପାଳ(ଭୁବନେଶ୍ୱର) ନୀତିଶ ତ୍ରିପାଠୀ, ଭୁବନେଶ୍ୱର ମଧ୍ୟ ପାଇଁ ଏଡିଏମ୍(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉତ୍ତର ଏବଂ ଏକାମ୍ର ପାଇଁ ଉପଜିଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟ, ଜଟଣୀ ପାଇଁ ଏଡିଏମ୍ ରୁଦ୍ରନାରାୟଣ ମହାନ୍ତି, ବେଗୁନିଆ ପାଇଁ ଜିଲା ପରିଷଦ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ପାଇଁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଏବଂ ଚିଲିକା ପାଇଁ ଏଡିଏମ୍(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ରିଟର୍ନିଂ ଅଫିସର ରହିଛନ୍ତି। ଖୋର୍ଦ୍ଧା ବିଧାନସଭା ପାଇଁ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବେଗୁନିଆ ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ, ଚିଲିକା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ, ଏକାମ୍ର ଓ ଉତ୍ତର ପାଇଁ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ମଧ୍ୟ ଏବଂ ଜଟଣୀ ପାଇଁ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ସାଧାରଣ ଛୁଟିଦିନ ବ୍ୟତୀତ ୬ତାରିଖ ସୁଦ୍ଧା ନାମାଙ୍କନ ଦାଖଲ କରିପାରିବେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀ ନିଜେ କିମ୍ବା ତାଙ୍କର ଜଣେ ପ୍ରସ୍ତାବକ ମନୋନୟନ ପତ୍ର ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ବିଜେଡିରେ ମିଶିଲେ ଭାଜପା ନେତା



ବାଲୁଗାଁ,୨୯।୪(ସଂଗ୍ରାମ ପାଇକରାୟ)

ବାଣପୁର ବ୍ଲକ ଅନ୍ତର୍ଗତ ନୀଳାଦ୍ରି ପ୍ରସାଦ ପଞ୍ଚାୟତର ବହୁ ଭାଜପା କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧, ୨, ୪ ଏବଂ ୮ ନଂ. ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀରେ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବା ସହ ଦଳ କିପରି ବିପୁଳ ଭୋଟ ପାଇ ବିଜୟ ଲାଭ କରିବ ସେନେଇ ଆଲୋଚନା କରିଥିଲେ। ଅନୁରୂପଭାବେ ବିଷ୍ଣୁଡ଼ିହ ଏବଂ ଆଙ୍କୁଲା ପଞ୍ଚାୟତରେ ମଧ୍ୟ ରଘୁନାଥଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏଥିରେ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ରବିବାର ଚିଲିକା ବ୍ଲକ ନଈରୀ ପଞ୍ଚାୟତରେ ରଘୁନାଥଙ୍କୁ ସମର୍ଥନ ଜଣାଇ ଶତାଧିକ ଭାଜପା ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ନାଏବ ସରପଞ୍ଚ ମୁନା ବେହେରା, ୱାର୍ଡମେମ୍ବର ଶିବ ନାରାୟଣ ବେହେରା ଏବଂ ଅଶୋକ ସାହୁ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସେହିପରି ସୋରଣ ପଞ୍ଚାୟତରେ ମଧ୍ୟ ଭାଜପାର ସମିତି ସଭ୍ୟା ସସ୍ମିତା ବେହେରା, ପୂର୍ବତନ ଜିଲା ପରିଷଦ କୁବେର ଚନ୍ଦ୍ର ବେହେରା ଏବଂ ୱାର୍ଡ ମେମ୍ବର ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି ।

# ସାତପଡ଼ାରୁ ଜହ୍ନିକୁଦା ଯାଏ ସେତୁ ନିର୍ମାଣ ପ୍ରାଥମିକତା



କୃଷ୍ଣପ୍ରସାଦ,୨୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ନିକଟ ଉଦୟନାଥ ଷ୍ଟାଡିୟମରେ ସୋମବାର ଭାଜପାର ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଉପାସନା ମହାପାତ୍ର ଯୋଗଦେଇଥିଲେ। ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ସେତୁ ନିର୍ମାଣ ପ୍ରଥମ ପ୍ରାଥମିକତା ରହିବ ବୋଲି ଡା. ପାତ୍ର କହିଛନ୍ତି। ଏହି

**ଭାଜପାର ଆଶୀର୍ବାଦ ସମାବେଶରେ ସମ୍ବିତ୍‌ଙ୍କ ପ୍ରତିଶ୍ରୁତି**

ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଉପାସନା ସମସ୍ତ ନୂତନ କର୍ମୀଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପା କାର୍ଯ୍ୟକାରୀ ସଭାପତି ହରିହର ଦାସ ମଞ୍ଚ ପରିଚାଳନା କରିଥିଲେ। ତେବେ ସମାବେଶ ପୂର୍ବରୁ ପାଇକରାପୁରଠାରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ବ୍ଲକ ମିଡିଆ ସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ଭାଜପା ସଂଯୋଜକ ଅଶୋକ କୁମାର ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ସୁଶାନ୍ତ କୁମାର ବୈରିଗଞ୍ଜନ, ପ୍ରଦୀପ ଜେନା, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡୁ, ସରପଞ୍ଚ ଇଂ. ମଳୟ କୁମାର ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, ରଘୁନାଥ ବଡୁ, କେଲୁଚରଣ ଜେନା, ସରପଞ୍ଚ ରଶ୍ମିତା ସାମନ୍ତରାୟ, ସରପଞ୍ଚ ସରୋଜ କୁମାର ଲେଙ୍କା, ସୁରେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ କର୍ମୀ ସମାବେଶରେ ଉପସ୍ଥିତ ଥିଲେ।

## ଜ୍ଞାନରଞ୍ଜନ ମହାନ୍ତିଙ୍କୁ 'ଭୀମଭୋଇ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ଉତ୍କଳ ଦୃଷ୍ଟିହୀନ ସଂଘର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଡିଜିଏନ୍ ଆର୍‌ଟିଏନ୍ ଯାଜ୍ଞଶିଷ ମହାପାତ୍ର, ଇନ୍‌ଫୋସିସ୍ ଫାଉଣ୍ଡେଶନ ଓଡ଼ିଶା ସିଏସ୍‌ର ମୁଖ୍ୟ ମନୀଷ ପାଣ୍ଡେ, ଧ୍ୱନି ଫାଉଣ୍ଡେଶନ ବାଙ୍ଗାଲୋରର ଆଞ୍ଚଳିକ ନିର୍ଦ୍ଦେଶକ ମିହିର ମହାନ୍ତି, ପ୍ରେମ୍‌ଜି ଫାଉଣ୍ଡେଶନର ଆଞ୍ଚଳିକ ମୁଖ୍ୟ ରାଜକିଶୋର ମିଶ୍ର ପ୍ରମୁଖ ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅଗ୍ରଗତି କାମନା କରିଥିଲେ। ସଂଘ ସଭାପତି ସନ୍ନ୍ୟାସୀ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସିଡବ୍ଲୁଡିଏସ୍ ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ଐକ୍ୟବଦ୍ଧ ହୋଇ ତୃଣମୂଳ ସ୍ତରରେ ସଂଘକୁ ସୁଦୃଢ଼ କରିବାର ବିଭିନ୍ନ ଦିଗ ଉପରେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତିଙ୍କୁ 'ଭୀମଭୋଇ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ବେରୋଜଗାର ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସ୍ୱାବଲମ୍ବନ କିଟ୍ ପ୍ରଦାନ କରିଯିବା ସହିତ ଭିଜୁଜ୍ ଏବଂ ୱି ଫର୍ ୟୁ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଇଟ୍ ସେଭର୍ସ ଇଣ୍ଡିଆ ପକ୍ଷରୁ 'ଭୋଟର ମାନୁଆଲ' ଏବଂ ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ 'ଖୁଦୁରୁକୁଣୀ ପୁସ୍ତିକା' ବ୍ରେଲ୍ ଲିପିରେ ପ୍ରକାଶିତ ହୋଇ ଲୋକାର୍ପିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅଂଶଗ୍ରହଣକାରୀମାନେ ବିତର୍କ, ଗୀତ, ଖେଳନା ତିଆରି, ବ୍ରେଲ୍ ଲିପିରେ ପଠନ ଓ ଲିଖନ ସହିତ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସଂଘ ଉପସଭାପତି ମହମ୍ମଦ ଜାଫର ଇକବଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'ପୁସ୍ତକର ମୃତ୍ୟୁ ନାହିଁ'

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ମଣିଷ ସବୁଦିନ ଏ ସଂସାରରେ ରହି ନ ଥାଏ, କିନ୍ତୁ ବହିଟିଏ ଚିରକାଳ ରହିଥାଏ। ଏ ବିଶ୍ୱବ୍ରହ୍ମାଣ୍ଡରେ ବହି ହିଁ ଏକମାତ୍ର ବସ୍ତୁ, ଯାହାର ମୃତ୍ୟୁ ନାହିଁ, ସେ ଅମର। ପୃଥିବୀରେ ବହିକୁ ଭଲ ପାଉଥିବା ଲୋକଙ୍କର ଅଭାବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର 'ମୁକ୍ତ ଚିନ୍ତନ ମଞ୍ଚ' ଓ 'ଭାରତୀୟ ବିଦ୍ୟାଭବନ' ପକ୍ଷରୁ ସାହିତ୍ୟିକ ତଥା ନିତିଦିନ ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଭାରତୀୟ ବିଦ୍ୟାଭବନଠାରେ ୧୯୭ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁବାଦକ ତଥା କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ରାୟ ଯୋଗଦେଇ କହିଲେ, ମଣିଷ ଜୀବନ ସହ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାହିତ୍ୟର ସ୍ୱାଦ ପାଇଁ ପୁସ୍ତକ ହେଉଛି ସର୍ବଶ୍ରେଷ୍ଠ ମାଧ୍ୟମ। ମୁଖ୍ୟ ଅତିଥି ଡ. ଶକୁନ୍ତଳା ବଳିଆରସିଂହ ତାଙ୍କ ଜୀବନରେ ପଠନ ହିଁ ସବୁଠାରୁ ବଡ଼ ନିଶା ବୋଲି କହିଥିଲେ। ସେ ବହୁ ଭାରତୀୟ ଓ ବିଦେଶୀ ଭାଷାର ପୁସ୍ତକ ପଠନ କରି ସ୍ମରଣୀୟ ଲେଖାକୁ ତାଙ୍କ ଅନୁବାଦ ପତ୍ରିକାରେ ନିୟମିତ ସ୍ଥାନ ଦେଇଥାଆନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୯।୪(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗର ଛକ ପୂଜା ମଣ୍ଡପ ପାଖରେ ଅବକାରୀ ବିଭାଗ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁମିତ ପାତ୍ର। ତାଙ୍କଠାରୁ ୧୭୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟର ୧୭ ଲକ୍ଷ ଟଙ୍କା ହେବ। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ ଓ କାହାକୁ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି ପୋଲିସ।



ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରଶାନ୍ତ ଜଗଦେବଙ୍କ ନାମ ଘୋଷଣା ପରେ ସୋମବାର ଆଶାୟୀ ଥିବା କାଳୁଚରଣ ଖଣ୍ଡାୟତରାୟ ଓ ତାଙ୍କ ସମର୍ଥକମାନେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଛନ୍ତି।

# ଭାଜପାର ପ୍ରାର୍ଥୀ ଘୋଷଣା ଝୁଲିରହିଛି

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

**ବେଗୁନିଆ ବିଧାନସଭା କ୍ଷେତ୍ର**

ଖୋର୍ଦ୍ଧା ଜିଲା ବେଗୁନିଆ ବିଧାନସଭା ଆସନରେ ବିଜେଡିରୁ ପ୍ରଦୀପ ସାହୁ ଏବଂ କଂଗ୍ରେସରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ଏଯାବତ୍ ଏହି ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ। ଏଠାରୁ କେନ୍ଦ୍ରପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କୁ ଭାଜପା ପ୍ରାର୍ଥୀ କରିବାକୁ ଚାହୁଁଥିବା ବେଳେ ସେ ଏଠାରୁ ପ୍ରାର୍ଥୀ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ଜଣାପଡିଛି। ଅନ୍ୟପଟେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ବେଗୁନିଆରେ ଏକାଧିକ କର୍ମୀ ଏକାଠି ହୋଇ ବିଦ୍ରୋହ ଆରମ୍ଭ କରିଛନ୍ତି। ଚଳିତ ନିର୍ବାଚନରେ ଅପରାଜିତାଙ୍କ ପରିବର୍ତ୍ତେ ନୋଟାକୁ ଭୋଟ ଦେବେ ବୋଲି କହୁଥିବା ବେଳେ ଏଠାରେ ଦଳରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଏଠାରୁ ଭାଜପା କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଛକାପଞ୍ଝା ଲାଗି ରହିଛି। ଅନ୍ୟପଟେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ପ୍ରଚାର ଯୋରଦାର କରିଛନ୍ତି। ପ୍ରଦୀପ ଦଳୀୟ କର୍ମୀଙ୍କ ସହ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ସେପଟେ ପୃଥ୍ୱୀବଲ୍ଲଭ ମଧ୍ୟ ଲୋକ ସଭା ପ୍ରାର୍ଥୀ ୟାସିର ନୱାଜଙ୍କୁ ସାଥିରେ ଧରି ଗାଁକୁ ଗାଁ ବୁଲୁଛନ୍ତି। ଏନେଇ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ କହିଛନ୍ତି, ବେଗୁନିଆ ଓ ବୋଲଗଡ଼ ହେଉଛି ବିଜେଡିର ଦୁର୍ଗ। ଏଠାରେ ବିକାଶଧାରା ପ୍ରବାହ ହେଉଛି। ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନ ମଜଭୁତ ରହିଥିବା ବେଳେ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀ ବିପୁଳ ଭୋଟ ପାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ବେଗୁନିଆର ବିକାଶ ପ୍ରତି ଗୁରୁତ୍ୱ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ କହିଛନ୍ତି, ଉକ୍ତ ଅଞ୍ଚଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ବାପାଙ୍କ ଅଧୁରା ରହିଯାଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସେ କହିଛନ୍ତି।


**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର**

**ଏଫ୍.ଏ. ନଂ. ୧୦/୨୦୨୩, ଦେବୋତ୍ତର ଆଇନର ୪୪ ଧାରା**

ଅର୍ଜୁନ ପ୍ରସାଦ ପଣ୍ଡା ଏବଂ ଅନ୍ୟ ଜଣେ ... ... ... ଆପିଲାଣ୍ଟସ

ବନାମ

ଶ୍ରୀ ଶ୍ରୀକୃଷ୍ଣ @ ଦଧିବାମନ ଜୀଉ ଏବଂ ଅନ୍ୟମାନେ ... ... ... ରେସ୍‌ପୋଡେଣ୍ଟସ

**ବିଜ୍ଞାପନ: ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍ - ୨୦**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀକୃଷ୍ଣ ଦଧିବାମନ ଜୀଉ ବିଜେ- ଖରିଆର, ପୋ./ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଅନୁଷ୍ଠାନ ଏକ ସର୍ବସାଧାରଣ ଅନୁଷ୍ଠାନ ଏବଂ ୨ ନଂ. ଦରଖାସ୍ତକାରୀ ଅୱଧ ନାରାୟଣ ତିୱାରୀ, ପିତା- ୰ଜଗନ୍ନାଥ ପ୍ରସାଦ ତିୱାରୀ, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଏହି ଅନୁଷ୍ଠାନର ମୌରସୀ ଟ୍ରଷ୍ଟି ବୋଲି ତା୦୯।୧୦।୨୦୦୬ରିଖ ଆଦେଶରେ ମକଦ୍ଦମା ନଂ. ଓ.ଏ.-୦୭/୨୦୦୫ (ଦେବୋତ୍ତର ଆଇନର ୪୧ ଧାରାରେ) ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ବ୍ରହ୍ମପୁର ଯଥାର୍ଥ ନୁହେଁ ଦାବିକରି ଅର୍ଜୁନ ପ୍ରସାଦ ପଣ୍ଡା, ପିତା- ୰ପରମାନନ୍ଦ ପଣ୍ଡା ଏବଂ ନିଧିସ୍ ପ୍ରସାଦ ଅଗସ୍ତି, ପି.- ୰ବୃନ୍ଦାବନ ଅଗସ୍ତି, ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା, ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନର, ଭୁବନେଶ୍ୱର ଅଦାଲତରେ ଏଫ୍.ଏ. ନଂ.୧୦/୨୦୨୩ (ଦେବୋତ୍ତର ଆଇନର ୪୪ ଧାରା ଅନୁସାରେ) ମକଦ୍ଦମା ଦାଏର କରିଅଛନ୍ତି। ଏହି ମକଦ୍ଦମାରେ ଅୱଧ ନାରାୟଣ ତିୱାରୀ ୧ ନଂ. ପ୍ରତିବାଦୀ, ମହେଶ୍ୱରୀ ତିୱାରୀ ୨ ନଂ. ପ୍ରତିବାଦୀ, ଅଶ୍ୱନୀ ତିୱାରୀ ୩ ନଂ. ପ୍ରତିବାଦୀ (ଏମାନେ ୧ ନଂ. ପ୍ରତିବାଦୀ ଅୱଧ ନାରାୟଣ ତିୱାରୀଙ୍କର ସ୍ତ୍ରୀ ଏବଂ ପୁଅ) ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା। ସନ୍ତୋଷ ବାରିକ, ପିତା- ସୀମାଂଚଳ ବାରିକ, ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ୪ ନଂ. ପ୍ରତିବାଦୀ ଗ୍ରାମ/ପୋ/ଥାନା- ଖରିଆର, ଜିଲ୍ଲା- ନୂଆପଡ଼ା ଭାବେ ପକ୍ଷଭୁକ୍ତ କରିଅଛନ୍ତି। ଏହି ମକଦ୍ଦମାରେ ଦେବୋତ୍ତର କମିଶନରଙ୍କ ଅଦାଲତରୁ ଡାକ ମାଧ୍ୟମରେ ଏହି ୪ ଜଣ ପ୍ରତିବାଦୀଙ୍କୁ ନୋଟିସ ପଠାଯାଇଥିଲା। ସମସ୍ତଙ୍କର ନୋଟିସ ଫେରସ୍ତ ଆସିଲା, ୧ ନଂ. ପ୍ରତିବାଦୀ ଅୱଧ ନାରାୟଣ ତିୱାରୀ ମୃତ ଏବଂ ୨ ନଂ., ୩ ନଂ. ଏବଂ ୪ ନଂ. ପ୍ରତିବାଦୀ ନୋଟିସ ରଖିବା ପାଇଁ ମନା କଲେ ବୋଲି ଫେରିଆସିଥିବା ପୋଷ୍ଟାଲ ଲଫାପାରେ ଲେଖାଥିଲା। କିନ୍ତୁ ୩ ନଂ. ପ୍ରତିବାଦୀ ଅଶ୍ୱନୀ ତିୱାରୀ ଓକିଲ ମାଧ୍ୟମରେ ଦେବୋତ୍ତର କମିଶନରଙ୍କ ଅଦାଲତରେ ହାଜର ହେଲେ।

ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଏହି ମକଦ୍ଦମାର ୧ ନଂ. ପ୍ରତିବାଦୀ ମୃତ ଅୱଧ ନାରାୟଣ ତିୱାରୀଙ୍କର ଯଦି ଅନ୍ୟ କେହି ଉତ୍ତରାଧିକାରୀ କେଉଁଠାରେ ଥିବେ ତାହା ହେଲେ ଆସନ୍ତା ତା୧୩।୬।୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ କରିପାରିବେ। ଅନ୍ୟଥା କାହାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ମକଦ୍ଦମା ଆଇନ ଅନୁସାରେ ବିଚାର କରାଯିବ।

ଏଥକୁ ଅଦାଲତର ସହି ମୋହର ସହିତ ଦିଆଗଲା।

ସ୍ୱା./- ଶ୍ରୀ ଲଲାଟେନ୍ଦୁ ଜେନା
(ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ), ଭୁବନେଶ୍ୱର



**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5205



**IN THE DEBTS RECOVERY TRIBUNAL: CUTTACK**
**C/71, SECTOR-7, CDA, CUTTACK-753014**
**O. A. No. 575/2023**

State Bank of India ...Applicant

Vs

ABASS ALLI KHAN ... Defendants

1. **Abass Alli Khan,** aged about 35 yrs, S/o.: Hamza Alli Khan, residing at Plot No.: 523/6150, Canal Road, Near Om Gurukul Public School, Badagada, Bhubaneswar-751018

**Summons by paper publication for showing cause as to Why reliefs prayed for should not be granted**

Take notice that the applicant has instituted **OA No. 575/2023** in the Debts Recovery Tribunal, Cuttack for recovery of **Rs. 41,61,963.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on **24.06.2024 at 10.30 A.M.** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this tribunal on this **22nd day of month April 2024.**

By order of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal



**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 61 / 2023**

State Bank of India .... Applicant

Vs.

Smt. Rajeswari Satpathy & Ors. .... Defendants

To,

1. **Smt. Rajeswari Satpathy,** aged about 46 yrs, W/o- Sarojkanta Satpathy,
2. **Sri Sarojkanta Satpathy,** aged about 51 yrs, S/o- Muralidhar Satpathy,
Both residing at Plot No. 1576/3110, Sasan Padia, Bhubaneswar-751002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 61/23** in the Debts Recovery Tribunal, Cuttack for recovery of **Rs.48,56,928.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **05.06.2024 at 10.30 AM** positively as to why the reliefs prayed for should not be granted.

Take notice that in case of default the original application shall be heard and disposed off exparte in your absence.

Given under hand and seal of this Tribunal on this **23rd day of Month April, 2024.**

By orders of this Tribunal
Sd/- (Nikhila Ranjan Pati)
Registrar
Debts Recovery Tribunal

## ସଂକ୍ଷେପରେ

### ଖୋଲିଲା ଜଳଛତ୍ର

ବାଲକାଟୀ,୨୯।୪(ମନୋଜ ମଣ୍ଡଳ): ଗାଁ କଲ୍ୟାଣ ସମିତି ପକ୍ଷରୁ ବାଲିଅନ୍ତା ବ୍ଲକ ଅଧୀନ ବିଭିନ୍ନ ଗାଁରେ ସୋମବାର ଜଳଛତ୍ରର ଶୁଭାରମ୍ଭ ହୋଇଛି। ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ତନ୍ମୟ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜଳଛତ୍ର କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ବାଲିଅନ୍ତା ବ୍ଲକ ଅଧୀନ ହୀରାପୁର ଓ ଭଇଁଛୁଆରେ ଜଳଛତ୍ରର ଶୁଭାରମ୍ଭ ହୋଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦେଖି ପଥଚାରୀଙ୍କ ସୁବିଧା ଲାଗି ଆସନ୍ତା ଜୁନ ୧୫ ଯାଏ ଜଳ ବଣ୍ଟନ କରାଯିବ। ପ୍ରତିଦିନ ଏହାର ତଦାରଖ ଡାକ୍ତରଖାନାର କର୍ମଚାରୀମାନେ କରିବେ ବୋଲି ଜଣାପଡ଼ିଛି।

### ୪ ଗାଡ଼ିର କାଚ ଭାଙ୍ଗିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୯।୪(ସତ୍ୟଜିତ୍ ରାଉତ): ମୈତ୍ରୀବିହାର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖପୁର ବିଡିଏ କଲୋନୀରେ ୪ ଗାଡ଼ିର କାଚ ଭାଙ୍ଗିଛନ୍ତି ଦୁର୍ବୃତ୍ତ। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଛନ୍ତି। ଗାଡ଼ିଗୁଡ଼ିକ ମଧ୍ୟରେ ୪ଟି କାର୍ ଓ ଗୋଟିଏ ଟାଟା ଏସିଇ ରହିଛି। ମୈତ୍ରୀବିହାର ଥାନା ପୋଲିସ ରବିବାର ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ତେବେ ଗାଡ଼ିଗୁଡ଼ିକ ରାସ୍ତାକଡ଼ରେ ପାର୍କିଂ ହୋଇଥିବାରୁ କେହି ରାଗ ରଖି ଏହି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

# ‘ସମସ୍ତ ଉଠାଦୋକାନୀ ଥଇଥାନ ହେବେ’

## ମେୟର, ବିଧାୟକଙ୍କ ସହ ଆଲୋଚନା କଲା ଉଠାଦୋକାନୀ ସଂଘ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ଥିବା ୧୦୦ ଉଠାଦୋକାନୀ ସଂଘର ସଭାପତି ଓ ସମ୍ପାଦକଙ୍କୁ ନେଇ ସୋମବାର ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାଗୃହରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇ ଉଠାଦୋକାନୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱରରେ ଏବେ ବହୁ ଭେଣ୍ଡିଂଜୋନ୍ କରାଯାଇଛି, ଆଗକୁ ପ୍ରତ୍ୟେକ ୱାର୍ଡ଼ରେ ଭେଣ୍ଡିଂଜୋନ୍ କରାଯାଇ ଉଠାଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଛନ୍ତି।



ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ, ଉତ୍ତର ନିର୍ବାଚନମଣ୍ଡଳୀରେ ଥିବା ଉଠାଦୋକାନୀଙ୍କ ସମସ୍ୟା ନେଇ ଅବଗତ ରହିଛି। ତେବେ ନିର୍ବାଚନ ପାଇଁ ଆଚରଣବିଧି ଲାଗିଥିବାରୁ ବର୍ତ୍ତମାନ କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ। ନିର୍ବାଚନ ସରିବା ପରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ମହାସଂଘ ଉପଦେଷ୍ଟା ତଥା ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ, ଆଗକୁ ପର୍ଯ୍ୟାପ୍ତ ପରିମାଣର ଭେଣ୍ଡିଂଜୋନ ପ୍ରତିଷ୍ଠା କରାଯାଇ ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ଏଥିସହ ଦୋକାନୀଙ୍କ ଯେଉଁସବୁ ସମସ୍ୟା ରହିଛି, ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ତାହାର ସମାଧାନ କରାଯିବ ବୋଲି ସେ କହିଥିଲେ। ବିଜେଡି ଏମ୍‌ପି ପ୍ରାର୍ଥୀ କ୍ୟାପ୍‌ଟେନ ମନ୍ମଥ ରାଉତରାୟ ଯୋଗଦେଇ ସମସ୍ତ ଉଠାଦୋକାନୀଙ୍କ ସହ ଆଲୋଚନା କରିଥିଲେ। ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା କଟକ ମେୟର ସୁବାସ ସିଂ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉଠାଦୋକାନୀମାନଙ୍କ ସମସ୍ୟା ପ୍ରତି ଯତ୍ନବାନ ଅଛନ୍ତି ବୋଲି କହିଥିଲେ। ଯୁଗ୍ମ କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକକୁ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ନିରଞ୍ଜନ ପାଣ୍ଡେ, ଧନେଶ୍ୱର ବାରିକ, ବିପିନ ଜେନା, ଭାରତୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



ଭୁବନେଶ୍ୱର ରାଜମହଲସ୍ଥିତ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟର ନୂତନ ନାମଫଳକ ଉନ୍ମୋଚନ ଅବସରରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ପ୍ରମୁଖ।

### ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ବେଗୁନିଆ,୨୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଅପରାହ୍ନ ୪ଟାରେ ବର୍ଷା ସହ ପବନ ହେବାରୁ ବିଦ୍ୟୁତ୍ କାଟ କରାଯାଇଥିଲା। କିଛି ସମୟ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିଲା। ଫଳରେ ଲୋକେ ହଇରାଣ ହେବା ସହ ଗୁଳୁଗୁଳି ଯୋଗୁ ଘରେ ଶୋଇପାରି ନ ଥିଲେ। ସୋମବାର ସକାଳ ୮ଟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ଲୋ-ଭୋଲ୍‌ଟେଜ୍ ଯୋଗୁ ଫ୍ୟାନ ଠିକ୍‌ଭାବେ ବୁଲୁ ନ ଥିବା ଅଭିଯୋଗ ହୋଇଛି।

# ଆପଣାର କଥା ଭଳି ଲାଗୁଥିବା ଗପର ଆୟୁଷ ଦୀର୍ଘସ୍ଥାୟୀ



ଅତିଥିମାନେ ‘ଅଳ୍ପ ଗଳ୍ପ’ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଯଶୋବନ୍ତ ସାମଲଙ୍କ ‘ଅଳ୍ପ ଗଳ୍ପ’ ଉନ୍ମୋଚିତ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

କଥାକାର ଡ. ଯଶୋବନ୍ତ ସାମଲଙ୍କ ଅଷ୍ଟମ ଗଳ୍ପ ସଂକଳନ ‘ଅଳ୍ପ ଗଳ୍ପ’ ରେଡ୍‌କ୍ରସ ଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବରେଣ୍ୟ ଅତିଥିଭାବେ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଡ. ଗୌରହରି ଦାସ ଯୋଗଦେଇ ଯେଉଁ ଗପ ପାଠକର ମନକୁ ଚହଲାଇ ଦିଏ, ଆପଣାର କଥା ଭଳି ଲାଗେ, ତାହାର ଆୟୁଷ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ ସଭାରେ ପୌରୋହିତ୍ୟ କରିଥିବାବେଳେ ଡ. ଅଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକ ସମ୍ପର୍କରେ ଅଧ୍ୟାପକ ଡ. ବିରଞ୍ଚି କୁମାର ସାହୁ ଆଲୋଚନା କରିଥିବାବେଳେ କବି ଈପ୍ସିତା ଷଡ଼ଙ୍ଗୀ, ଅଧ୍ୟାପକ ହରେକୃଷ୍ଣ ଦାସ ଗଳ୍ପ ପାଠ କରିଥିଲେ। ବିଦ୍ୟାପୁରୀ ପ୍ରକାଶନୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ମଧୁସୂଦନଙ୍କୁ ‘ଭାରତ ରତ୍ନ’ ଦେବାକୁ ପ୍ରସ୍ତାବ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନଙ୍କୁ ‘ଭାରତ ରତ୍ନ’ ସମ୍ମାନ ପ୍ରଦାନ କରିବାକୁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଏଥିରେ ସଭାପତିତ୍ୱ କରି ମଧୁବାବୁଙ୍କ ଜୀବନାଦର୍ଶକୁ ଆପଣାଇ ଓଡ଼ିଆ ଜାତି ଓ ଭାଷାର ଉନ୍ନତି ଦିଗରେ କାମ କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ପ୍ରମୋଦ କୁମାର ମିଶ୍ର, ଶକ୍ତିମୟୀ ରଥ, ବାସନ୍ତୀ ତ୍ରିପାଠୀ, ପ୍ରଦୀପ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମଧୁସୂଦନଙ୍କ ତ୍ୟାଗପୂତ ଜୀବନର ସ୍ମୃତି ଚାରଣ କରିଥିଲେ। ଏଥିସହ ଓଡ଼ିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଜାତିର ଉନ୍ନତିରେ ତାଙ୍କର ସମଗ୍ର ଜୀବନ କିପରି ଉତ୍ସର୍ଗୀକୃତ ଥିଲା ସେ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର ପରିଚଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନା, ୫ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

## ଖଣ୍ଡା, କଟୁରି ଆଦି ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୨୯।୪ (ସୂର୍ଯ୍ୟକାନ୍ତ ବେହେରା)

ଡକାୟତି ଓ ଲୁଟ୍ ଯୋଜନାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଭୋଟପଡ଼ା କେନାଲ ରୋଡ୍‌ରେ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ଏକ ଗ୍ୟାଙ୍ଗ୍‌କୁ ଧରିଛି। ଉକ୍ତ ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଖଣ୍ଡା, କଟୁରି, ଛୁରି, ଲୁହାରଡ୍ ଆଦି ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନୋଦ କୁମାର ବେହେରା, ଶଙ୍କର ନାୟକ, କାଳିଆ ଓରଫ ରାଜୁ ଦାସ, ହନୁମାନ ଓରଫ ବୁଦୁ ଦାସ ଓ ଗୋବିନ୍ଦ ଦାସ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ ମଞ୍ଚେଶ୍ୱର, ରସୁଲଗଡ ଓ ପଟିଆ ପାର୍ଶ୍ୱକୁ ଯିବା ଆସିବା କରୁଥିବା ପରିବହନ ଗାଡି ଓ ଯାତ୍ରୀଙ୍କୁ ଲୁଟ୍ ପାଇଁ ଯୋଜନା କରୁଥିଲେ ବୋଲି ସ୍ୱୀକାର କରିଥିଲେ। ସେହିପରି ସେମାନଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଓ ନୟାପଲ୍ଲୀ ଥାନାରେ ସମୁଦାୟ ୮ଟି ଚୋରି, ଲୁଟ୍ ଓ ଅନ୍ୟ ଆପରାଧିକ ମାମଲା ରହିଥିବା ଜଣାପଡିଛି।

# ସତ୍ୟଭାମାପୁରକୁ ଜାତୀୟ ତୀର୍ଥକ୍ଷେତ୍ର ମାନ୍ୟତା ମିଳୁ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ରାଜ୍ୟ ଓ ବିଚ୍ଛିନ୍ନାଞ୍ଚଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉତ୍କଳ ସମ୍ମିଳନୀର ପଞ୍ଚମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା ସହ ସତ୍ୟଭାମାପୁରକୁ ସୁଆଣ୍ଡୋ ଭଳି ଜାତୀୟ ତୀର୍ଥକ୍ଷେତ୍ରରେ ପରିଣତ କରିବା, ସତ୍ୟଭାମାପୁରରେ ନିର୍ମିତ ସଂଗ୍ରହାଳୟ ଓ ଶୈଳବାଳା ମହିଳା କଲେଜରେ ଥିବା ନିଜସ୍ୱ ଭବନକୁ ମଧୁସ୍ମୃତି ସଂଗ୍ରହାଳୟ ଓ ବିଶ୍ୱସ୍ତରୀୟ ପାଠାଗାର କରିବା ଏବଂ ଇଦ୍‌ଗା ପଡିଆକୁ ‘ଓଡ଼ିଆ ଅସ୍ମିତାର ସ୍ମାରକୀ ପାର୍କ’ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇ ବିଶ୍ୱରେ ବହୁଳ ଦଶଟି ଭାଷାଭିତ୍ତିରେ ଓଡ଼ିଆ ଭାଷା କିଭଳି ସ୍ଥାନିତ ହେବ ତା’ର ଏକ ବିଶଦ ବିବରଣୀ ସରକାରଙ୍କ ନିକଟରେ ଉପସ୍ଥାପନା କରିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟର ସୀମା ସମସ୍ୟାର ଦୂରୀକରଣ ପାଇଁ ରାଜସ୍ୱ ବିଭାଗରେ ‘ସୀମା ସମାଧାନ ପ୍ରକୋଷ୍ଠ’ ଓ ‘ସୀମାନ୍ତ ଗ୍ରାମ ବିକାଶ ସଂସ୍ଥା’ ଗଢାଯାଇ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ତତ୍ପର ହେବାକୁ ଦାବି ହୋଇଥିଲା। ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ପଦ୍ମନାଭ ସାମଲ, ଉଷାରାଣୀ ମହାନ୍ତି, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଥିଲେ ମଧୁବାବୁ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ଉତ୍କଳ ଗୌରବ ମଧୁସୂଦନ ଦାସ ନିଜ ସମୟଠାରୁ ବହୁ ଆଗକୁ ଚିନ୍ତା କରିପାରୁ ଥିବାରୁ ମହାତ୍ମା ଗାନ୍ଧୀଙ୍କର ଅତି ପ୍ରିୟ ଥିଲେ। ଓଡ଼ିଆ ସ୍ୱାଭିମାନର ପ୍ରତୀକ ମଧୁବାବୁ ଭାଷାଭିତ୍ତିକ ଓଡ଼ିଶା ଗଠନର ଅଗ୍ରଗଣ୍ୟ ପୁରୁଷ ହୋଇଥିବାରୁ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ସେ ଆପ୍ରାଣ ଚେଷ୍ଟା ଚଳାଇଥିଲେ ବୋଲି ସାହିତ୍ୟିକା ଡ. ସୁଷମା ମିଶ୍ର କହିଛନ୍ତି। ଖଣ୍ଡଗିରିସ୍ଥିତ ପିପିଏଲ୍ କଲୋନୀରେ ‘ସମନ୍ୱିତା ସାହିତ୍ୟ ସଂସଦ’ର ସଭାପତି ଡ. ମନସ୍ୱିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ମିଶ୍ର ମଧୁବାବୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରି ତାଙ୍କୁ ଯୁଗପୁରୁଷ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପିକା କମଳ କୁମାରୀ ଦାଶ ମଧୁବାବୁଙ୍କ ପିଲାଦିନଠାରୁ ଆରମ୍ଭ କରି ଶେଷଜୀବନ ପର୍ଯ୍ୟନ୍ତ ବହୁ ଘଟଣାର ଅବତାରଣା କରିଥିଲେ। ଏଥିସହ ମଧୁବାବୁ କିପରି ନାରୀ ସଶକ୍ତୀକରଣ ପାଇଁ ସ୍ୱର ଉଠାଇଥିଲେ ସେ ବିଷୟରେ ବର୍ଣ୍ଣନା କରିଥିଲେ। ସଭ୍ୟା ସ୍ୱର୍ଣ୍ଣପ୍ରଭା ନନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱର୍ଣ୍ଣପ୍ରଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୁକ୍ତା ମିଶ୍ର, ଅନୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରିଚାଳନାରେ ମନୋରମା ଶାସ୍ତ୍ରୀ, ସ୍ନେହଲତା ଦାଶ ଓ ମୀନାକ୍ଷୀ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୯।୪(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗର ଛକ ପୂଜା ମଣ୍ଡପ ପାଖରେ ଅବକାରୀ ବିଭାଗ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁମିତ ପାତ୍ର। ତାଙ୍କଠାରୁ ୧୭୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟର ୧୭ ଲକ୍ଷ ଟଙ୍କା ହେବ। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ ଓ କାହାକୁ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି ପୋଲିସ।

# ‘ପୁସ୍ତକର ମୃତ୍ୟୁ ନାହିଁ’

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ମଣିଷ ସବୁଦିନ ଏ ସଂସାରରେ ରହି ନ ଥାଏ, କିନ୍ତୁ ବହିଟିଏ ଚିରକାଳ ରହିଥାଏ। ଏ ବିଶ୍ୱବ୍ରହ୍ମାଣ୍ଡରେ ବହି ହିଁ ଏକମାତ୍ର ବସ୍ତୁ, ଯାହାର ମୃତ୍ୟୁ ନାହିଁ, ସେ ଅମର। ପୃଥିବୀରେ ବହିକୁ ଭଲ ପାଉଥିବା ଲୋକଙ୍କର ଅଭାବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ‘ମୁକ୍ତ ଚିନ୍ତନ ମଞ୍ଚ’ ଓ ‘ଭାରତୀୟ ବିଦ୍ୟାଭବନ’ ପକ୍ଷରୁ ସାହିତ୍ୟିକ ତଥା ନିତିଦିନ ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଭାରତୀୟ ବିଦ୍ୟାଭବନଠାରେ ୧୯୭ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁବାଦକ ତଥା କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ରାୟ ଯୋଗଦେଇ କହିଲେ, ମଣିଷ ଜୀବନ ସହ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାହିତ୍ୟର ସ୍ୱାଦ ପାଇଁ ପୁସ୍ତକ ହେଉଛି ସର୍ବଶ୍ରେଷ୍ଠ ମାଧ୍ୟମ। ଜାଣିବା ଓ ଶୁଣିବା ହେଉଛି ମଣିଷର ଏକ ଆଦିମ ପ୍ରବୃତ୍ତି। ପୂର୍ବକାଳରେ ଲିପି ନ ଥିବା ସମୟରେ ମାନବ ଶ୍ରବଣ ଦ୍ୱାରା ମନର ତୃଷ୍ଣା ମେଣ୍ଟାଉଥିଲା। ଧୀରେଧୀରେ ସଭ୍ୟତାର କ୍ରମ ବିକାଶ ସହ ଲେଖନି ମାଧ୍ୟମରେ ସେ ସାହିତ୍ୟ ସହ ଅନ୍ତରଙ୍ଗ ହୋଇଗଲା। ବର୍ତ୍ତମାନର ଯାନ୍ତ୍ରିକ ଯୁଗର ନୂତନ ସଭ୍ୟତାରେ ସାହିତ୍ୟର ପଠନ ପାଇଁ ପୁସ୍ତକର ବିକଳ୍ପ ବାହାରି ସାରିଥିଲେ ମଧ୍ୟ ଭଲ ବହିର ବାସ୍ନା ମଉଳି ଯାଇନାହିଁ। ପୁସ୍ତକ ପ୍ରକାଶନ ଓ ପଠନର ଧାରା ଅବ୍ୟାହତ ରହିଛି। ମୁଖ୍ୟ ଅତିଥି ଡ. ଶକୁନ୍ତଳା ବଳିଆରସିଂହ ତାଙ୍କ ଜୀବନରେ ପଠନ ହିଁ ସବୁଠାରୁ ବଡ଼ ନିଶା ବୋଲି କହିଥିଲେ। ସେ ବହୁ ଭାରତୀୟ ଓ ବିଦେଶୀ ଭାଷାର ପୁସ୍ତକ ପଠନ କରି ସ୍ମରଣୀୟ ଲେଖାକୁ ତାଙ୍କ ଅନୁବାଦ ପତ୍ରିକାରେ ନିୟମିତ ସ୍ଥାନ ଦେଇଥାଆନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



‘ମୁକ୍ତ ଚିନ୍ତନ ମଞ୍ଚ’ ଓ ‘ଭାରତୀୟ ବିଦ୍ୟାଭବନ’ ପକ୍ଷରୁ ଆଲୋଚନାଚକ୍ରରେ ଅତିଥିମାନେ ‘ତିନି ମନ୍ଦିର ଓ ମହିମା ଧର୍ମ’ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜ୍ଞାନରଞ୍ଜନ ମହାନ୍ତିଙ୍କୁ ‘ଭୀମଭୋଇ ଉତ୍କର୍ଷ ସମ୍ମାନ’

## ଉତ୍କଳ ଦୃଷ୍ଟିହୀନ ସଂଘର ୫୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ଉତ୍କଳ ଦୃଷ୍ଟିହୀନ ସଂଘର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରୋଟାରୀ ୩୨୬୨ର ପ୍ରଥମ ଲେଡି ଡିଜି ଜୟଶ୍ରୀ ମହାନ୍ତି, ଡିଜିଏନ୍ ଆର୍‌ଟିଏନ୍ ଯାଜ୍ଞଶିଷ ମହାପାତ୍ର, ରାଜ୍ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ କେ. ସୁନ୍ଦର ରାଜ, ଇନ୍‌ଫୋସିସ୍ ଫାଉଣ୍ଡେଶନ ଓଡ଼ିଶା ସିଏସ୍‌ର ମୁଖ୍ୟ ମନୀଷ ପାଣ୍ଡେ, ଧ୍ୱନି ଫାଉଣ୍ଡେଶନ ବାଙ୍ଗାଲୋରର ଆଞ୍ଚଳିକ ନିର୍ଦ୍ଦେଶକ ମିହିର ମହାନ୍ତି, ପ୍ରେମ୍‌ଜୀ ଫାଉଣ୍ଡେଶନର ଆଞ୍ଚଳିକ ମୁଖ୍ୟ ରାଜକିଶୋର ମିଶ୍ର ପ୍ରମୁଖ ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅଗ୍ରଗତି କାମନା କରିଥିଲେ। ସଂଘ ସଭାପତି ସନ୍ନ୍ୟାସୀ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସିଡବ୍ଲ୍ୟୁଡିଏସ୍ ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ଐକ୍ୟବଦ୍ଧ ହୋଇ ତୃଣମୂଳ ସ୍ତରରେ ସଂଘକୁ ସୁଦୃଢ କରିବାର ବିଭିନ୍ନ ଦିଗ ଉପରେ କହିଥିଲେ। ଏହି ଅବସରରେ ଓଡ଼ିଶା ଶିକ୍ଷା ସେବାର ଅବସରପ୍ରାପ୍ତ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ‘ଭୀମଭୋଇ ଉତ୍କର୍ଷ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେହିପରି ବେରୋଜଗାର ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସ୍ୱାବଲମ୍ବନ କିଟ୍ ପ୍ରଦାନ କରିଯିବା ସହିତ ଭିଝୁଜ୍ ଏବଂ ଓ୍ୱି ଫର୍ ୟୁ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଇଟ୍ ସେଭର୍ସ ଇଣ୍ଡିଆ ପକ୍ଷରୁ ‘ଭୋଟର ମାନୁଆଲ’ ଏବଂ ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ‘ଖୁଦୁରୁକୁଣୀ ପୁସ୍ତିକା’ ବ୍ରେଲ୍ ଲିପିରେ ପ୍ରକାଶିତ ହୋଇ ଲୋକାର୍ପିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅଂଶଗ୍ରହଣକାରୀମାନେ ବିତର୍କ, ଗୀତ, ଖେଳନା ତିଆରି, ବ୍ରେଲ୍ ଲିପିରେ ପଠନ ଓ ଲିଖନ ସହିତ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପରେ ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ମହମ୍ମଦ ଜାଫର ଇକବଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

# ଓଡ଼ିଶାର ପାରମ୍ପରିକ ନୃତ୍ୟଶୈଳୀ ଉପରେ ଅଧିକ ଗବେଷଣା ଆବଶ୍ୟକ

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)



ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ଅନ୍ୟମାନେ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗ ଏବଂ ଛଉ ନୃତ୍ୟ ବିଭାଗ ପକ୍ଷରୁ ସୋମବାର 'ବିଶ୍ୱ ନୃତ୍ୟ ଦିବସ' ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବରିଷ୍ଠ ଓଡ଼ିଶୀ ନୃତ୍ୟ ଗୁରୁ ପ୍ରଫେସର ନବ କିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ମାନବ ସମାଜରେ ନୃତ୍ୟ ଏକ ପ୍ରବହମାନ ଧାରା ଏବଂ ଓଡ଼ିଶୀ ନୃତ୍ୟରେ ଜଗନ୍ନାଥ ସଂସ୍କୃତି ପ୍ରତିଫଳିତ ହେବା ଆମ ନୃତ୍ୟ ଶୈଳୀକୁ ଋଦ୍ଧିମନ୍ତ କରିପାରିଛି ବୋଲି ପ୍ରଫେସର ମିଶ୍ର କହିଥିଲେ। ଓଡ଼ିଶାର ପାରମ୍ପାରିକ ନୃତ୍ୟଶୈଳୀ ସମ୍ପର୍କରେ ଅଧିକ ଗବେଷଣା ଦ୍ୱାରା ଏହା ଆହୁରି ଅଧିକ ଆଦୃତ ଓ ବିକଶିତ ହେବ ବୋଲି କୁଳସଚିବ ଅନାମିକା ଅଧିକାରୀ କହିଥିଲେ। ବରିଷ୍ଠ ଛଉ ନୃତ୍ୟଗୁରୁ ସଦାଶିବ ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାହିତ୍ୟ, କଳା ଓ ସଙ୍ଗୀତ ଜରିଆରେ ନୃତ୍ୟର ମାଧୁର୍ଯ୍ୟ ବଜାୟ ରହିଥାଏ ବୋଲି କହିଥିଲେ। ମର୍ଦ୍ଦଳ ଗୁରୁ ପ୍ରଫେସର ଧନେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ନୃତ୍ୟରେ ସଙ୍ଗୀତ ଓ ତାଳ ବାଦ୍ୟର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତିରେ ଥିବା ମାଦେଳି ସେବା ଓ ନୃତ୍ୟରେ ବାଦ୍ୟର ଚଳନ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ନୃତ୍ୟଗୁରୁ ତଥା ସହଯୋଗୀ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଶୀ ନୃତ୍ୟ ବିଭାଗ ଦ୍ୱାରା ମଙ୍ଗଳାଚରଣ, ଆହେ ନୀଳ ଶୈଳ, ବୃନ୍ଦ ନୃତ୍ୟ ପଲ୍ଲବୀ ଓ ଲୋକନୃତ୍ୟ ଡାଲଖାଇ ପରିବେଷଣ କରାଯାଇଥିଲା। ସେହିପରି ଛଉ ନୃତ୍ୟ ବିଭାଗ ପକ୍ଷରୁ ପାରମ୍ପାରିକ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୃତ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱ ନୃତ୍ୟ ଦିବସ

# ମହିଳା ବିଜେଡି କର୍ମୀ ସମ୍ମିଳନୀ



ବାଙ୍କୀ, ୨୯।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଙ୍କୀ ଏନଏସି ମହିଳା ବିଜେଡି ପକ୍ଷରୁ ସୋମବାର ୧୦ନମ୍ବର ୱାର୍ଡରେ ବିଜେଡି କର୍ମୀ ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନଗରପାଳ ମାଣିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏନ୍ଏସି ମହିଳା ବିଜେଡି ସଭାପତି ପ୍ରୀତିଲତା ଗିରି, କାଉନ୍ସିଲର ରାଜେନ୍ଦ୍ର ମହାପାତ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ନାରୀ ନେତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ସୁଜାତା ସିଂହ, ବିଜେଡି ବରିଷ୍ଠ ନେତା ଅନୁପ କୁମାର ବଥୁଆଲ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜୁ ଜନତାଦଳର ଏମ୍‌ପି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଜୟଯୁକ୍ତ କରାଇ ବାଙ୍କୀ ବିକାଶ ରଥକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ୧୦ନମ୍ବର ୱାର୍ଡ ମହିଳା ବିଜେଡି ସଭାପତି ତଥା ପୂର୍ବତନ କାଉନ୍ସିଲର ସ୍ନେହାଞ୍ଜଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। । ମେ ୩ରେ ବିଧାୟକ ତ୍ରିପାଠୀ ନିଜର ନାମାଙ୍କନପତ୍ର ଦାଖଲ କରିବାକୁ ଥିବାରୁ ୧୦ନମ୍ବର ୱାର୍ଡର ସମସ୍ତ ମିହିଳାମାନେ ଏଥିରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ସନ୍ଧ୍ୟାରେ ୧ନମ୍ବର ୱାର୍ଡ ଚକାପଦା ବିଜୁ ଜନତାଦଳ କର୍ମୀମାନଙ୍କୁ ନେଇ ଏକ ବୈଠକ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନଗରପାଳ ଅକ୍ଷୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ପୂର୍ବତନ ନଗରପାଳ ପ୍ରଭାତୀ ବେହେରା, ଜିଲା ସାଧାରଣ ସମ୍ପାଦକ ସନାତନ ବେହେରା, ମହିଳା ବିଜେଡି ସଭାନେତ୍ରୀ ପ୍ରୀତିଲତା ଗିରି, କାଉନ୍ସିଲର ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୧ନମ୍ବର ୱାର୍ଡ ମହିଳା ନେତ୍ରୀ ସୁନିତା ପ୍ରଧାନ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ ।

## ସଂକ୍ଷେପରେ

## କର୍କଟ କେନ୍ଦ୍ରର ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

କଟକ,୨୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଏସ୍‌ସିବି ମେଡିକାଲର ନୂତନ ଅଡିଟୋରିୟମ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଦୀପକ ରାଉତରାୟ ଏଥରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାନ ପୂର୍ବତନ ନିର୍ଦ୍ଦେଶକ ଡ. ନିରଞ୍ଜନ ରାଉତ ଯୋଗଦେଇ ଛାତ୍ର ଜୀବନର ଅଧ୍ୟୟନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧୀକ୍ଷକ ପ୍ରଫେସର ଡ. ରେଖା ଦାସ ଯୋଗଦେଇ ଏହି କେନ୍ଦ୍ର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ପରିଣତ ହେବା ପରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରେସିଡେଣ୍ଟ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଉତ୍ତମ ଭାବେ ପରିଚାଳିତ ହେଉଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ରେସିଡେଣ୍ଟ ଡାକ୍ତର ସଂଘର ବାର୍ଷିକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଡ. ପଦ୍ମାଳୟା ଦେବୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେସିଡେଣ୍ଟ ଡାକ୍ତର ସଂଘ ସଭାପତି ଡ. ପ୍ରସନ୍ନଜିତ ପଟ୍ଟନାୟକ, ସମ୍ପାଦକ ଡ. ନିହାର ରଞ୍ଜନ ରାଉତ, ଡ. କୃପାସିନ୍ଧୁ ପଣ୍ଡା, ପ୍ରଫେସର ଡ. ନିମାଇଁ ପରିଜା, ପ୍ରଫେସର ଡ.ସୁଶୀଲ ଗିରି, ପ୍ରଫେସର ଡ. ୟୁ ଆର ପରିଜା, ପ୍ରଫେସର ନୀହାରିକା ପଣ୍ଡା, ପ୍ରଫେସର ଡ. ଏସ୍‌ଏନ୍ ସେନାପତି, ପ୍ରଫେସର ଡ. ଜିତା ପରିଜା, ପ୍ରଫେସର ଡ. ସାଗରିକା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଡ୍ରିମ୍ସ ପଲିଟେକ୍‌ନିକର ପୁରସ୍କାର ବିତରଣ ଉତ୍ସବ ଅବସରରେ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରମାନେ।

## ବିଜେଡିରେ ମିଶିଲେ ଭାଜପା କର୍ମକର୍ତ୍ତା

ନିଶ୍ଚିନ୍ତକୋଇଲି, ୨୯।୪ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ତହସିଲ ଛକ ନିକଟ ବିଜୁ ଜନତା ଦଳ ଅସ୍ଥାୟୀ କାର୍ଯ୍ୟାଳୟରେ ସୋମବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଜେଡି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ମାହାଙ୍ଗା ବିଧାନ ସଭା ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ତରତ ଓ କେନ୍ଦୁପାଟଣା ପଞ୍ଚାୟତର ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସଭାରେ ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତି, ଜିତେନ୍ଦ୍ର ମିଶ୍ର, ପ୍ରମୋଦ କୁମାର ପରିଡା, ଅଚ୍ଯୁତାନନ୍ଦ ବେହେରା,ପ୍ରମୋଦ ମାଲିକ ପ୍ରମୁଖ ପସ୍ଥିତ ଥିଲେ।

# ସତ୍ୟଭାମାପୁରକୁ ଜାତୀୟ ତୀର୍ଥକ୍ଷେତ୍ରରେ ପରିଣତ କରିବାକୁ ଦାବି

ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)

ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ରାଜ୍ୟ ଓ ବିଚ୍ଛିନ୍ନାଞ୍ଚଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉତ୍କଳ ସମ୍ମିଳନୀର ପଞ୍ଚମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା ସହ ସତ୍ୟଭାମାପୁରକୁ ସୁଆଣ୍ଡୋ ଭଳି ଜାତୀୟ ତୀର୍ଥକ୍ଷେତ୍ରରେ ପରିଣତ କରିବା, ସତ୍ୟଭାମାପୁରରେ ନିର୍ମିତ ସଂଗ୍ରହାଳୟ ଓ ଶୈଳବାଳା ମହିଳା କଲେଜରେ ଥିବା ନିଜସ୍ୱ ଭବନକୁ ମଧୁସ୍ମୃତି ସଂଗ୍ରହାଳୟ ଓ ବିଶ୍ୱସ୍ତରୀୟ ପାଠାଗାର କରିବା ଏବଂ ଇଦ୍‌ଗା ପଡିଆକୁ 'ଓଡ଼ିଆ ଅସ୍ମିତାର ସ୍ମାରକୀ ପାର୍କ' କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଏକ ଯୋଜନା ପ୍ରସ୍ତୁତ କରଯାଇ ବିଶ୍ୱରେ ବହୁଳ ଦଶଟି ଭାଷା ଭିତ୍ତିରେ ଓଡ଼ିଆ ଭାଷା କିଭଳି ସ୍ଥାନୀତ ହେବ ତା'ର ଏକ ବିଶଦ ବିବରଣୀ ସରକାରଙ୍କ ନିକଟରେ ଉପସ୍ଥାପନା କରିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟର ସୀମା ସମସ୍ୟାର ଦୂରୀକରଣ ପାଇଁ ରାଜସ୍ୱ ବିଭାଗରେ 'ସୀମା ସମାଧାନ ପ୍ରକୋଷ୍ଠ' ଓ 'ସୀମାନ୍ତ ଗ୍ରାମ ବିକାଶ ସଂସ୍ଥା' ଗଢାଯାଇ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ତତ୍ପର ହେବାକୁ ଦାବି ହୋଇଥିଲା। ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ପଦ୍ମନାଭ ସାମଲ, ଉଷାରାଣୀ ମହାନ୍ତି, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚନ


ଅତିଥିମାନେ ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାଙ୍କୀ ୨୯।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ହଳଧର ମହାପାତ୍ର ସ୍ମୃତି ସଂସଦ ବାଙ୍କୀ ଆନୁକୁଲ୍ୟରେ ବାଙ୍କୀର ଇଷ୍ଟ ଦେବୀ ମା'ଚର୍ଚ୍ଚିକା ମନ୍ଦିର ପ୍ରାଙ୍ଗଣରେ ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ କବି ତଥା ବାଙ୍କୀ ମହୋତ୍ସବ ସ୍ମରଣିକା ସମ୍ପାଦକ କୌଶିକ ନାୟକ ସଭାପତିତ୍ୱ କରି ସ୍ୱର୍ଗତ ହଳଧର ମହାପାତ୍ରଙ୍କ ଲୋକହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ ସମ୍ମାନିତ ଅତିଥି ଭାବେ ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, କବି କେଶରୀ ନନ୍ଦ କିଶୋର ମହାରଣା, ବରେନ୍ଦ୍ରକୃଷ୍ଣର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କାଉନସିଲର ସଞ୍ଜୟ କୁମାର ପୃଷ୍ଟି, କବି ସୁଦର୍ଶନ ସାହୁ, କଳା ସାହିତ୍ୟ ଓ ସଂସ୍କୃତି ପରିଷଦର ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦିକ୍ଷିତ୍ ପୂର୍ଣ୍ଣକୁମ୍ଭ ପତ୍ରିକାର ସମ୍ପାଦକ ବିଦ୍ୟାଧର ଖଟୁଆ, ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା, କବି ଲଲାଟେନ୍ଦୁ ପଣ୍ଡା, କୁମର ପ୍ରଧାନ ଓ ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦେଇ ହଳଧରଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ପୁସ୍ତକ କବି ତଥା ଅଧ୍ୟାପକ ସୁଶାନ୍ତ ତ୍ରିପାଠୀଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି । ସରୋଜ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ । ଶେଷରେପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ର, ଯୁବକମାନେ ଦେଶର ମେରୁଦଣ୍ଡ

ସାଲେପୁର,୨୯।୪(ଅରବିନ୍ଦ ଭୂୟାଁ)


ସମାବେଶରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ସାଲେପୁର ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏକ ସମାବେଶ ରାଇସୁଙ୍ଗୁଡ଼ା ଶନିପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ଯୁବବିଜେଡି ସଭାପତି ସଞ୍ଜିତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବିଜେଡି କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ କହିଥିଲେ, ଛାତ୍ର ଓ ଯୁବକମାନେ ଦେଶର ମେରୁଦଣ୍ଡ। ଯେଉଁ ଦେଶର ଯୁବକ ଓ ଛାତ୍ର ଯେତେ ଶିକ୍ଷିତ, ସେହି ଦେଶ ସେତେ ବିକଶିତ। ସେଥିପାଇଁ ନବୀନ ସରକାର ସବୁ ବେଳେ ଓ ସବୁ ସମୟରେ ଛାତ୍ର ଓ ଯୁବକମାନଙ୍କୁ ଅଧିକ ଗୁରୁତ୍ୱ ଦେବା ସହ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିରେ ବିଶିଷ୍ଟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଜେଡି ସଙ୍ଗଠନ ପାଇଁ ଛାତ୍ର ଓ ଯୁବକମାନେ ଆଗେଇ ଆସିଲେ ନିଜ ଅଞ୍ଚଳର ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆମ୍ବ କମିଟି ସଭାପତି ଦିଲୀପ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ଟାଙ୍ଗୀ-ସାଲେପୁର ଯୁବ ବିଜୁ ଜନତା ଦଳ ସଭାପତି ଗୋବିନ୍ଦ ଦାସ, କାର୍ଯ୍ୟକାରିଣୀ ସଭାପତି ତାପସ ସାହୁ, ଟାଙ୍ଗୀ ଆମ୍ବ କମିଟି ସଭାପତି ରାଜେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ବେହେରା ଓ ଏମ୍‌ପି ପ୍ରାର୍ଥୀ ମହାନ୍ତିଙ୍କୁ ଶିଶୁଆ ବିଜେଡି କାର୍ଯ୍ୟାଳୟଠାରୁ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ସାଲେପୁର ବଜାର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ବୋଦାମୁଣ୍ଡାଇ, ମନୋହରପୁର ଅଞ୍ଚଳ ଦେଇ ରାଇସୁଙ୍ଗୁଡ଼ା ଶନିପଡ଼ିଆ ନିକଟରେ ପହଞ୍ଚ ଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପବିତ୍ର ସାମଲ, ଜ୍ଞାନରଞ୍ଜନ ପଟ୍ଟନାୟକ, ସଞ୍ଜୟ ବେହୁରା, ଯୁବନେତା ଗୁଲରେଜ ଅଲ୍ଲୀ, ଜୟରାମ ବେହେରା, ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ

କଟକ,୨୯।୪(ଦିବାକର ସାହୁ)

ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ବ୍ୟକ୍ତି ଜଣକ ସାଇକେଲ ଯୋଗେ ମହତାବ ରୋଡ଼ ପଟରୁ ଦୋଳମୁଣ୍ଡାଇ ଛକ ଆଡ଼କୁ ଆସୁଥିବାବେଳେ ଟ୍ରକ୍‌ଟି ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଟ୍ରକ ଛାଡ଼ି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିବାବେଳେ ସ୍ଥାନୀୟ ଲୋକେ ଗାଡ଼ି ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଖବରପାଇ ବାଦାମବାଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବାରୁ ସ୍ଥିତି ଆୟତ୍ତକୁ ଆସିଥିଲା।

## ଯୁବ ଅହମ୍ମଦିୟା ତରଫରୁ ଜଳଛତ୍ର

ତିଗିରିଆ,୨୯।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ରାଜ୍ୟ ରାଜପଥ ନଂ. ୬୫ର ପଙ୍କାଳ ଛକଠାରେ ଯୁବ ଅହମ୍ମଦିୟା ପଙ୍କାଳ ତରଫରୁ ରବିବାର ପଥଚାରୀଙ୍କୁ ଥଣ୍ଡା ଦହିପାଣି ବଣ୍ଟନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିୟା ପଙ୍କାଳର ସଭାପତି ୟାମିନ ଖାଁ ନେତୃତ୍ୱ ନେଇଥିଲେ। ମୌଲାନା ସେକ୍ ସମସୁଲ, ସଲାବତ ଖାଁ, ମହମ୍ମଦ ସୋଲେମାନ, ମହମ୍ମଦ ମୋଜିବୁଲ ହକ,ଫାଇଜୁ ଅହମ୍ମଦ, ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କୁଶୁପଙ୍ଗି ରାମଲୀଳା ଉଦ୍‌ଯାପିତ

ବାଙ୍କୀ ୨୯।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ାବ୍ଲକ ଅନ୍ତଗତ କୁଶୁପଙ୍ଗି ଗ୍ରାମରେ କୁଶୁପଙ୍ଗି ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ୧୨ଦିନ ଧରି ଚାଲିଥିବା ରାମଲୀଳା ଗୀତିନାଟ୍ୟ ପରିବେଷଣ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଏହା ୮୩ବର୍ଷରେ ପଦାର୍ପଣ କରିଥିବା କୁଶୁପଙ୍ଗି ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଶ୍ରୀରାମ ନବମୀଠାରୁ ବିଭିନ୍ନ ଦିବସରେ ରାମଜନ୍ମ, ସୀତା ବିବାହ, ବନବାସ, ସୀତା ଚୋରୀ, ବାଳିବଧ, ଲଙ୍କାପୋଡି, କୁମ୍ଭକର୍ଣ୍ଣ ବଧ, ମାୟାସୀତା, ତରଣୀ ବଧ, ଲକ୍ଷ୍ମଣ ଶକ୍ତି ଭେଦ, ଇନ୍ଦ୍ରଜିତ ବଧ, ମହିରାବଣ ବଧ, ରାବଣ ବଧ ଓ ଅଭିଷେକ ପର୍ବ ଆଦି ଗୀତିନାଟ୍ୟ ଜରିଆରେ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ସିନେ କଳାକାର ତଥା ନିର୍ଦ୍ଦେଶକ ଚୌଧୁରୀ ଜୟ ପ୍ରକାଶ ଦାସ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କଣ୍ଟ୍ରୋଲର୍ ଧରଣୀଧର ରଣା ଓ ସଂଗୀତ ବିଭାଗର ଅସୋସିଏଟ ପ୍ରଫେସର ଡ. ଧୀରଜ ମହାପାତ୍ର, ଭାୟୋଲିନ ବାଦକ ନିର୍ମଳ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ପରିଚାଳିତ ଏହି ରାମଲୀଳା ନାଟ୍ୟ ପରିବେଷଣରେ ଅନୁଷ୍ଠାନର ସମ୍ପାଦକ ବିଭୂପ୍ରସାଦ ନାୟକ, କୁଳମଣି ନାୟକ, ରମେଶ ନାୟକ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।


ରାମଲୀଳାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା କଳାକାର ଓ ଅନ୍ୟମାନେ।

# ଡ.ହଳଧରଙ୍କୁ ବିରୂପା ଅଞ୍ଚଳଶ୍ରୀ, ମନୋଜଙ୍କୁ ମଧୁବାବୁ ସେବା ସମ୍ମାନ


ବିରୂପା ମହୋତ୍ସବ ଉପଲକ୍ଷେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିରୂପା ମହୋତ୍ସବ ଉଦ୍‌ଯାପିତ

ସାଲେପୁର,୨୯।୪(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ସ୍ଥିତ ହରିଡ଼ାପଡ଼ିଆଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଓ ବିଜୟାନନ୍ଦ ଯୁବ ପରିଷଦ ଦ୍ୱାରା ଆୟୋଜିତ ଦ୍ୱାଦଶ ବିରୂପା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ, ସମ୍ମାନିତ ଅତିଥିଭାବେ ଓଡ଼ିଶା ଅର୍ଥ ସେବାର ଯୁଗ୍ମ ଶାସନ ସଚିବ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଓ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଦିଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ସୁରେଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ.ହଳଧର ସାହୁଙ୍କୁ ବିରୂପା ଅଞ୍ଚଳଶ୍ରୀ ଓ ଅଧିବକ୍ତା ମନୋଜ କୁମାର ମିଶ୍ରଙ୍କୁ ମଧୁବାବୁ ଆଇନ୍ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ପୁରୀର ଆରାଧନା ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ, ସୁରତାଲ କ୍ରିଏସନ୍ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜି-ସାର୍ଥକ ଟିଭି 'ସୁନାଝିଅ'ର କଳାକାରମାନଙ୍କ ସଂଳାପ ଓ ନୃତ୍ୟକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ହାସ୍ୟ ଅଭିନେତା ଗୁଡୁଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର କର, ଶ୍ରୀକାନ୍ତ ସାମଲ, ଅଜୟ କୁମାର ଲେଙ୍କା, ପ୍ରଶାନ୍ତ କୁମାର ଭୂୟାଁ, ସୁରେଶ କୁମାର ରାଉତ, ରମେଶ କୁମାର ଲେଙ୍କା, ଜ୍ୟୋତିରଞ୍ଜନ ରାଉତ, ବନମାଳୀ ପ୍ରଧାନ, ଦେବେନ୍ଦ୍ର ନାଥ ସ୍ୱାଇଁ, ଦୟାନିଧି ନାୟକଙ୍କ ସମେତ ବିଜୟାନନ୍ଦ ଯୁବ ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ସଙ୍ଗଠନ ମଜଭୁତ କରୁଛନ୍ତି ଉମା

**ବ୍ରହ୍ମଗିରି,୨୯।୪(ସ୍ୱାଧୀନ ଚମ୍ପତିରାୟ):**

ଚଳିତ ସାଧାରଣ ନିର୍ବାଚନରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଭୋଟରଙ୍କ ପାଇଁ ୩ଟି ନୂଆମୁହଁ ସାମ୍ନାକୁ ଆସିଛି। ନୂଆ ବିଧାୟକ ପ୍ରାର୍ଥୀମାନେ କିଭଳି ଭୋଟରଙ୍କ ଆସ୍ଥାଭାଜନ ହୋଇପାରିବେ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଭାଜପାରୁ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ତାଙ୍କ ପୁରୁଣା ସଂଗଠନକୁ ନେଇ ନିର୍ବାଚନ ମୈଦାନକୁ ଓହ୍ଲାଇଥିବାବେଳେ ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ମଧ ପଛରେ ନାହାନ୍ତି। ସେ ବିଜେଡିର ଜଣେ ପୁରୁଖା ନେତା ତଥା ୨ ଥର ବିଧାୟକ ହୋଇଥିଲେ ବି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଲାଗି ସେ ସମ୍ପୂର୍ଣ୍ଣ ନୂଆ। ଦଳୀୟ ଟିକେଟ ପାଇବା ପରଠାରୁ ନିର୍ବାଚନ ପର୍ଯ୍ୟନ୍ତ ତାଙ୍କ ପାଖରେ ସମୟ ବ୍ୟବଧାନ କମ୍ ଥିବାରୁ ତାଙ୍କ ପାଇଁ ମହଙ୍ଗା ପଡ଼ିପାରେ। ବର୍ତ୍ତମାନ ବ୍ରହ୍ମଗିରି ବିଜେଡିରେ ଅନ୍ତଃଦ୍ୱନ୍ଦ ରହିଥିଲେ ବି ସେ ତାଙ୍କ ସଂଗଠନ ସୁଦୃଢ଼ କରିବାରେ ଲାଗିଛନ୍ତି। ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକରେ ପଞ୍ଚାୟତସ୍ତରୀୟ, ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀମାନ କରି ଅସନ୍ତୁଷ୍ଟ କର୍ମୀଙ୍କୁ ପୁଣି ଦଳରେ ସାମିଲ କରୁଛନ୍ତି। ଏଭଳିକି ବିଭିନ୍ନ କର୍ମୀ ସମ୍ମିଳନୀରେ ବ୍ରହ୍ମଗିରିର ଅଧୁରା ବିକାଶକୁ ପୂରଣ କରିବାକୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଉଛନ୍ତି। ରବିବାର ବ୍ରହ୍ମଗିରି ବ୍ଲକ ଅଧୀନ ରେବଣା ନୂଆଗାଁ ଗ୍ରାମପଞ୍ଚାୟତ ନିକଟରେ ୪ଟି ଗ୍ରାମପଞ୍ଚାୟତ ଅର୍ଥାତ ରେବଣା ନୂଆଗାଁ, ପଲଙ୍କ, କଡ଼ାଜିତ, ଆମ୍ବପଡ଼ା ଆଦିର ହଜାର ହଜାର କର୍ମୀଙ୍କ ସମାବେଶରେ ଆୟୋଜିତ ସଭାରେ ଉମାକାନ୍ତ ବ୍ରହ୍ମଗିରିର ବିକାଶ ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କୁ ପୁନର୍ବାର ସଙ୍ଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରିବା ଏବଂ ନବୀନ କାର୍ଡକୁ ଆଧାରକରି ଭୋଟରଙ୍କ ଆସ୍ଥାଭାଜନ ହେବାକୁ ବକ୍ତବ୍ୟ ରଖି ଭୋଟ ଭିକ୍ଷା କରିଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ ସମ୍ବିତ, ଆଶ୍ରିତ, ସଞ୍ଜୟ, ସୁନୀଲ

**ପୁରୀ, ୨୯।୪(ଅଜିତ୍ ମହାନ୍ତି):**

ନାମାଙ୍କନର ପ୍ରଥମ ଦିନରେ ସୋମବାର ପୁରୀ ଲୋକ ସଭା ଆସନ ପାଇଁ ଭାରତୀୟ ଜନତା ପାର୍ଟିରେ ସମ୍ବିତ ପାତ୍ର ଓ ପିପିଲି ବିଧାନସଭା ଆସନ ନିମନ୍ତେ ଆଶ୍ରିତ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ସଦର ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳର ସୁନୀଲ ମହାନ୍ତି ଓ ସତ୍ୟବାଦୀ ବିଧାନସଭା ଆସନ ପାଇଁ ସଞ୍ଜୟ ଦାସବର୍ମା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ପ୍ରାର୍ଥୀମାନେ ନିଜ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହ ବିଶାଳ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ସମ୍ବିତ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କ ନିକଟରେ ଆଶ୍ରିତ, ସୁନୀଲ, ସଞ୍ଜୟଙ୍କ ସମେତ ପୁରୀରୁ ହରେକୃଷ୍ଣ ସିଂହାରୀ ଏବଂ ପିପିଲିରୁ ସମ୍ବିତ୍ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରିଟର୍ନିଂ ଅଫିସର ରହିଛନ୍ତି। ସେହିପରି ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପଜିଲାପାଳ ଗୋପୀନାଥ କୁଅଁର, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏବଂ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି ରିଟର୍ନିଂ ଅଫିସର ରହିଛନ୍ତି।





### ପୁରୀରେ ପୁଣି ଶଙ୍ଖ ବାଜିବ: ସୁନୀଲ

ସୁନିଲ ବଡ଼ଦାଣ୍ଡ ବଗଲା ଧର୍ମଶାଳାଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସିଥିଲେ। ଶୋଭାଯାତ୍ରାରେ ପୁରୀ ଲୋକସଭା ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନେକ ନେତା ଏବଂ ସହସ୍ରାଧିକ କର୍ମୀ ସାମିଲ ଥିଲେ। ସୁନୀଲ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଗୋପୀନାଥ କୁଅଁରଙ୍କ ନିକଟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ସୁନିଲ କହିଛନ୍ତି, ବିଜେଡି ହେଉଛି ଲୋକଙ୍କ ଦଳ। ବିଜେଡି ୩୬୫ ଦିନ ଲୋକଙ୍କ ସହ ରହିଛି। ତେଣୁ ପୁରୀରେ ପୁଣି ଶଙ୍ଖ ବାଜିବ। ଲୋକଙ୍କ ବିକାଶ ଓ ପୁରୀରେ ବିକାଶକୁ ନେଇ ଲୋକଙ୍କ ନିକଟକୁ ଯିବୁ। ପୁରୀବାସୀ ତାଙ୍କୁ ସୁଯୋଗ ଦିଅନ୍ତୁ, ଫଳରେ ସେ ଲୋକଙ୍କ କାର୍ଯ୍ୟ କରିପାରିବେ। ପୁରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ତଥା ତାଙ୍କ ବାପା ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ଜନସମ୍ପର୍କକୁ ପାଥେୟ କରି ସେ ନିର୍ବାଚନ ଜିତିବେ ବୋଲି ସୁନିଲ କହିଛନ୍ତି। ଗତ ପାଞ୍ଚବର୍ଷରେ ପୁରୀର ଭାଜପା ବିଧାୟକ ସେପରି କିଛି କାର୍ଯ୍ୟ କରିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

### ବିକାଶ ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବି: ସଞ୍ଜୟ

ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମା ବିରାଟ ମୋଟରସାଇକେଲ ଶୋଭାଯାତ୍ରା ସହ ସତ୍ୟବାଦୀ ଗୋପାଳ ଜୀଉ ମନ୍ଦିରରୁ ବାହାରି ପୁରୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ବରିଷ୍ଠ ନେତା ରାମଚନ୍ଦ୍ର ମହାନ୍ତି, ପ୍ରହ୍ଲାଦ ଘଗୁଆରୀ, ଦେବାଶିଷ ରାୟ, ରାଜବଲ୍ଲଭ ମିଶ୍ର, ସୁରେଶ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ମହିଳା ସଭାନେତ୍ରୀ କନକଲତା ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନିବେଦିତା ପାତ୍ର ପ୍ରମୁଖଙ୍କ ସହ ହଜାର ହଜାର ସମର୍ଥକ ଶୋଭାଯାତ୍ରାରେ ସାମିଲ ଥିଲେ। ଏହି ଅବସରରେ ସଞ୍ଜୟ କହିଛନ୍ତି, ସତ୍ୟବାଦୀ ହେଉଛି ସେବା ଓ ସମର୍ପଣର ମାଟି। ପଞ୍ଚସଖାଙ୍କ ଭୂମି। ଏପରି ଏକ ମାଟିର ସେବା କରିବାକୁ ସୁଯୋଗ ମିଳିଥିବାରୁ ସେ ଭାଗ୍ୟବାନ ମନେ କରୁଛନ୍ତି। ସତ୍ୟବାଦୀରେ ବହୁ ବିକାଶ କାମ ହୋଇଛି। ସେହି ବିକାଶକୁ ନେଇ ଲୋକଙ୍କ ନିକଟକୁ ଯିବି ବୋଲି ସଞ୍ଜୟ ପ୍ରକାଶ କରିଛନ୍ତି।

### ଭାଜପା ଜିତିଲେ ପୁରୀର କାୟାକଳ୍ପ ବଦଳିବ: ସମ୍ବିତ

ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଦଳୀୟ ନେତା ଓ କର୍ମୀଙ୍କ ସହ ପିପିଲି ଉତ୍ତରା ଛକରୁ ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ପରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସ୍ଥାନରୁ କେତେଜଣ ସମର୍ଥକଙ୍କ ସହ ବାଇକ୍‌ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ସମ୍ବିତ କହିଛନ୍ତି, ଗତ ନିର୍ବାଚନରେ ମାତ୍ର ଅଳ୍ପ କିଛି ଭୋଟ ବ୍ୟବଧାନରେ ସେ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ଦୀର୍ଘ ୫ ବର୍ଷ ଧରି ଲୋକଙ୍କ ସୁଖଦୁଃଖରେ ଅଛନ୍ତି। ଏଥର ଦେଶରେ ଫିର୍ ଏକ ବାର ମୋଦି ସରକାର ଏବଂ ଅବ୍ କି ୪୦୦ ପାର୍ ହେବ ବୋଲି ସେ କହିଛନ୍ତି। ପୁରୀରେ ଭାଜପା ଜିତିଲେ କାୟାକଳ୍ପ ପରିବର୍ତ୍ତନ ହେବ ବୋଲି ସମ୍ବିତ କହିଛନ୍ତି।

### ଲୋକଙ୍କ ଭଲ ପାଇବା ନେଇ ଜିତିବି: ଆଶ୍ରିତ

ପୁରୀ ଜିଲା ଭାଜପା ସଭାପତି ତଥା ପିପିଲି ବିଧାନସଭା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ବଡ଼ ଶୋଭାଯାତ୍ରାରେ ଆସି ପୁରୀ ଅତିରିକ୍ତ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପରେ ଆଶ୍ରିତ କହିଛନ୍ତି, ଡେଲାଙ୍ଗ–ପିପିଲି ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକ ଆସି ତାଙ୍କୁ ସମର୍ଥନ ଜଣାଇଛନ୍ତି। ଲୋକଙ୍କ ଭଲପାଇବା ନେଇ ସେ ଚଳିତ ଥର ନିର୍ବାଚନ ଜିତିବେ। ରାଜ୍ୟରେ ଭାଜପା ସରକାର ଗଠନ ହେବ। ଲଢେଇ ଏକତରଫା ହେବ। ବିଜେଡି ସରକାରର ପତନ ଘଟିବ। ପୁରୀ ଜିଲାର ୬ଟି ବିଧାନସଭା ଆସନରେ ଭାଜପା ବାଜିମାତ୍ କରିବ ବୋଲି ଆଶ୍ରିତ କହିଛନ୍ତି।



### ପୁରୀର ସ୍ୱାଭିମାନ ପାଇଁ ଲଢ଼ିବି: ହରେକୃଷ୍ଣ

ସ୍ୱାଧୀନ ପ୍ରାର୍ଥୀ ଭାବେ ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ଗୌରୀଶଙ୍କର ସିଂହାରୀଙ୍କ ପୁଅ ହରେକୃଷ୍ଣ ସିଂହାରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସିଂହାରୀ କହିଛନ୍ତି, ତାଙ୍କ ଉପରେ ପୁରୀବାସୀ ଓ ସେବାୟତଙ୍କ ଆଶୀର୍ବାଦ ରହିଛି। ସେ ନିର୍ବାଚନରେ ବିଜୟୀ ହେବେ। ପୁରୀର ସ୍ୱାଭିମାନ, ପୁରୀ ଲୋକଙ୍କ ସମ୍ମାନ ଓ ମହାପ୍ରଭୁଙ୍କ ସଂସ୍କୃତି ରକ୍ଷା କରିବାକୁ ଲଢେଇ ହେବ। ସେ ହୀରା ଚିହ୍ନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ବୋଲି କହିଛନ୍ତି।



## ପିଲାଙ୍କ ବିକାଶରେ ଅଭିଭାବକ ଯତ୍ନବାନ୍ ହେବା ଉଚିତ

**ପିପିଲି,୨୯।୪(ଦୁର୍ଗାମାଧବ ମିଶ୍ର)**

ଗୁଡ଼ିଆପୋଖରୀସ୍ଥିତ ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ କ୍ରୀଷ୍ଣା କୁମାରୀ ଦେବୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଇଓ ରବୀନ୍ଦ୍ର ନାଥ ନନ୍ଦ, ମୁଖ୍ୟବକ୍ତା ଭାବେ ନହଳାପଡ଼ା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର କ୍ଲଷ୍ଟରର ସିଆର୍‌ସିସି ଚିନ୍ତାମଣି ଓଝା, ବିଇଓ ଅଫିସର ଏମ୍‌ଆଇଏସ୍ କମ୍ ପ୍ଲାନିଙ୍ଗ କୋଅର୍ଡିନେଟର ପବନୀ କୁମାର ପ୍ରଧାନ, ଗାୟତ୍ରୀ କଲେଜ ନିର୍ଦ୍ଦେଶକ ପ୍ରଭାତ ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ସଙ୍ଗେ ସଙ୍ଗେ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶରେ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯତ୍ନବାନ୍ ହେବା ଉଚିତ ବୋଲି ଅତିଥିମାନେ ମତ ରଖିଥିଲେ। ଶିକ୍ଷକ ବିକ୍ରାନ୍ତ ସିଂ ସଭା ପରିଚାଳନା କରିଥିଲେ। ପ୍ରିନ୍ସିପାଲ ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ ଓ ଭାଗ୍ୟଶ୍ରୀ ରଥ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ, ଶୁଭସ୍ମିତା ମହାରଣା, ମୌସୁମୀ ମେହେଟା, ସ୍ନେହଲତା କାଣ୍ଡି, ପ୍ରଦୀପ ମହାପାତ୍ର, ରୁନା ରଥ, ଦୀପକ ଡଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ମହାଦାନୀ କର୍ଣ୍ଣ' ମଞ୍ଚସ୍ଥ ହୋଇଥିଲା।

## ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଅଭିଯୋଗ

**ପୁରୀ,୨୯।୪(ଅଜିତ୍ ମହାନ୍ତି)**

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରଶାସନର ଦୁର୍ବଳ ପ୍ରସ୍ତୁତି ଓ ଦୂରଦୃଷ୍ଟି ଅଭାବରୁ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ନାମାଙ୍କନ ପତ୍ର ଦାଖଲ ସମୟରେ ପ୍ରାର୍ଥୀ ଓ ତାଙ୍କର କେତେଜଣ ନିର୍ଦ୍ଧାରିତ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କର୍ମୀମାନେ କାର୍ଯ୍ୟାଳୟଠାରୁ ଦୂରରେ ରହିବା କଥା। ମାତ୍ର ବହୁ ସଂଖ୍ୟାରେ ସମର୍ଥକ ପ୍ରାର୍ଥୀଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଆସିଥିଲେ। ଫଳରେ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ମୁଖ୍ୟ ଫାଟକ ନିକଟରେ ଯେଉଁ ସଂଖ୍ୟକ ପୋଲିସ ନିୟୋଜିତ ରହିବା କଥା ସେହି ଅନୁସାରେ ନିୟୋଜିତ ନ ଥିଲେ। ଫଳରେ କର୍ମୀମାନେ ମନଇଚ୍ଛା କାର୍ଯ୍ୟାଳୟ ପରିସରକୁ ପଶିଥିଲେ। ଏପରିକି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲେ ମଧ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ପିଇବା ପାଣି କିମ୍ବା ବସିବା ପାଇଁ ବ୍ୟବସ୍ଥା କରାଯାଇ ନ ଥିଲା। ପୋଲିସ ନିଜର ଅପାରଗତାକୁ ଲୁଚାଇବା ପାଇଁ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଖବରଦାତା ଗୋଟିଏ ଗଛ ତଳେ ଚଉତରା ଉପରେ ବସିଥିବା ବେଳେ ଅନ୍ୟ କେତେଜଣ ଖବରଦାତା ପାଖରେ ଠିଆ ହୋଇଥିଲେ। ଏହି ସମୟରେ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି କର୍ମୀଙ୍କୁ କାର୍ଯ୍ୟାଳୟ ବାହାରକୁ ଘଉଡାଇଥିଲେ। ସେହି ସମୟରେ କେତେଜଣ ଖବରଦାତା କ୍ୟାମେରାରେ ଭିଡିଓ ଉତ୍ତୋଳନ କରୁଥିବାବେଳେ ପୋଲିସ କର୍ମଚାରୀମାନେ ତାଙ୍କୁ ଜୋର କରି ବାହାରକୁ ବାହାରିବା ପାଇଁ କହିଥିଲେ। ସେମାନେ ଖବରଦାତା ବୋଲି ପରିଚୟ ଦେବା ପରେ ମଧ ତାଙ୍କୁ ଏଠାରୁ ଚାଲିଯାଅ ବୋଲି କହିଥିଲେ। ଏହି ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧି ଠିଆହୋଇଥିବା ବେଳେ ପୋଲିସ କର୍ମଚାରୀ ଆସି ଠେଲି କାଢିବାକୁ ଚେଷ୍ଟା କରିଥିଲେ। ଏପରିକି ଏସ୍‌ପି ପିନାକ ମିଶ୍ର ପହଞ୍ଚି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସାତପଡ଼ାରୁ ଜହ୍ନିକୁଦା ଯାଏ ସେତୁ ନିର୍ମାଣ ପ୍ରାଥମିକତା

**କୃଷ୍ଣପ୍ରସାଦ,୨୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ନିକଟ ଉଦୟନାଥ ଷ୍ଟାଡିୟମରେ ସୋମବାର ଭାଜପାର ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଉପାସନା ମହାପାତ୍ର ଯୋଗଦେଇଥିଲେ। ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ସେତୁ ନିର୍ମାଣ ପ୍ରଥମ ପ୍ରାଥମିକତା ରହିବ ବୋଲି ଡା. ପାତ୍ର କହିଛନ୍ତି। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଉପାସନା ସମସ୍ତ ନୂତନ କର୍ମୀଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପା କାର୍ଯ୍ୟକାରୀ ସଭାପତି ହରିହର ଦାସ ମଞ୍ଚ ପରିଚାଳନା କରିଥିଲେ। ତେବେ

**ଭାଜପାର ଆଶୀର୍ବାଦ ସମାବେଶରେ ସମ୍ବିତ୍‌ଙ୍କ ପ୍ରତିଶ୍ରୁତି**

ସମାବେଶ ପୂର୍ବରୁ ପାଇକରାପୁରଠାରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ବ୍ଲକ ମିଡିଆ ସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ଭାଜପା ସଂଯୋଜକ ଅଶୋକ କୁମାର ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ସୁଶାନ୍ତ କୁମାର ବୈରିଗଞ୍ଜନ, ପ୍ରଦୀପ ଜେନା, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ସରପଞ୍ଚ ଇଂ. ମଳୟ କୁମାର ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, ରଘୁନାଥ ବଡ୍ଡୁ, କେଳୁଚରଣ ଜେନା, ସରପଞ୍ଚ ରଶ୍ମିତା ସାମନ୍ତରାୟ, ସରପଞ୍ଚ ସରୋଜ କୁମାର ଲେଙ୍କା, ସୁରେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ କର୍ମୀ ସମାବେଶରେ ଉପସ୍ଥିତ ଥିଲେ।

## ଭାଜପା ଛାଡ଼ି କଂଗ୍ରେସରେ ମିଶିଲେ ଶତାଧିକ କର୍ମୀ

**କାକଟପୁର,୨୯।୪(ଶୁଭଦର୍ଶନ ମିଶ୍ର)**

କାକଟପୁର ଖୁଣ୍ଟିଆ ଟାୱାରଠାରେ କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଯୁବନେତା ଜୟନ୍ତ ବେହେରାଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଲତାହରଣ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, କାକଟପୁର ବ୍ଲକ ସଭାପତି ରାଜକିଶୋର ସାହୁ, ବାଙ୍ଗୁରୀଗାଁ ସଭାପତି ନୃସିଂହ ଚରଣ ବେହେରା, ଲକ୍ଷ୍ମୀ ନାରାୟଣ ଜେନା, କୈଳାଶ ଚନ୍ଦ୍ର ଦାଶ, ହରେକୃଷ୍ଣ ମହାନ୍ତି, ହୃଷିକେଶ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଭାଜପା ଛାଡ଼ି ବରିଷ୍ଠ କର୍ମୀ ମିହିର ମିଶ୍ର, ହୃଦାନନ୍ଦ ବଡ୍ତିଆ, ଭ୍ରମର ବେହେରା, ବିଜୟ ଶତପଥି, ଭାଗବତ ସ୍ୱାଇଁ, ମାୟାବିନୀ ଶତପଥି, କୃଷ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ ବାରିକ୍, ମାର୍କଣ୍ଡ ବେହେରା, ଗଜେନ୍ଦ୍ର ବେହେରା, ରାମଚନ୍ଦ୍ର ବେହେରା, ପବିତ୍ର ବେହେରା, ପ୍ରକାଶ କାଣ୍ଡି, ସନାତନ କାଣ୍ଡି, ଅଜୟ ବେହେରା, ରାଜୁ ବେହେରା, ସଞ୍ଜୟ ବେହେରା, ଚରଣ ମୁଦୁଲି, ମଙ୍ଗୁଳି ପରିଡ଼ା, ନାଥ ସ୍ୱାଇଁ, ରଞ୍ଜନ ବେହେରା, କୈଳାଶ ବେହେରା, ଗିରିଧାରୀ ବେହେରାଙ୍କ ସମେତ ଶତାଧିକ କର୍ମୀ ଜୟନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ କଂଗ୍ରେସରେ ସାମିଲ ହୋଇଛନ୍ତି।




କଂଗ୍ରେସର ମିଶ୍ରଣ ପର୍ବରେ ଦଳୀୟ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

## ପାରମ୍ପରିକ ନୃତ୍ୟଶୈଳୀ ଉପରେ ଅଧିକ ଗବେଷଣା ଆବଶ୍ୟକ

**ବିଶ୍ୱ ନୃତ୍ୟ ଦିବସ**

**ଭୁବନେଶ୍ୱର, ୨୯।୪ (ବନ୍ଦନା ସେଠୀ)**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗ ଏବଂ ଛଉ ନୃତ୍ୟ ବିଭାଗ ପକ୍ଷରୁ ସୋମବାର 'ବିଶ୍ୱ ନୃତ୍ୟ ଦିବସ' ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବରିଷ୍ଠ ଓଡ଼ିଶୀ ନୃତ୍ୟ ଗୁରୁ ପ୍ରଫେସର ନବ କିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ମାନବ ସମାଜରେ ନୃତ୍ୟ ଏକ ପ୍ରବହମାନ ଧାରା ଏବଂ ଓଡ଼ିଶୀ ନୃତ୍ୟରେ ଜଗନ୍ନାଥ ସଂସ୍କୃତି ପ୍ରତିଫଳିତ ହେବା ଆମ ନୃତ୍ୟ ଶୈଳୀକୁ ଋଦ୍ଧିମନ୍ତ କରିପାରିଛି ବୋଲି ପ୍ରଫେସର ମିଶ୍ର କହିଥିଲେ। ଓଡ଼ିଶାର ପାରମ୍ପାରିକ ନୃତ୍ୟଶୈଳୀ ସମ୍ପର୍କରେ ଅଧିକ ଗବେଷଣା ଦ୍ୱାରା ଏହା ଆହୁରି ଅଧିକ ଆଦୃତ ଓ ବିକଶିତ ହେବ ବୋଲି କୁଳସଚିବ ଅନାମିକା ଅଧିକାରୀ କହିଥିଲେ। ବରିଷ୍ଠ ଛଉ ନୃତ୍ୟଗୁରୁ ସଦାଶିବ ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାହିତ୍ୟ, କଳା ଓ ସଙ୍ଗୀତ ଜରିଆରେ ନୃତ୍ୟର ମାଧୁର୍ଯ୍ୟ ବଜାୟ ରହିଥାଏ ବୋଲି କହିଥିଲେ। ମର୍ଦ୍ଦଳ ଗୁରୁ ପ୍ରଫେସର ଧନେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ନୃତ୍ୟରେ ସଙ୍ଗୀତ ଓ ତାଳ ବାଦ୍ୟର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତିରେ ଥିବା ମାଦେଳି ସେବା ଓ ନୃତ୍ୟରେ ବାଦ୍ୟର ଚଳନ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ନୃତ୍ୟଗୁରୁ ତଥା ସହଯୋଗୀ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଶୀ ନୃତ୍ୟ ବିଭାଗ ଦ୍ୱାରା ମଙ୍ଗଳାଚରଣ, ଆହେ ନୀଳ ଶୈଳ, ବୃନ୍ଦ ନୃତ୍ୟ ପଲ୍ଲବୀ ଓ ଲୋକନୃତ୍ୟ ଡାଲଖାଇ ପରିବେଷଣ କରାଯାଇଥିଲା। ସେହିପରି ଛଉ ନୃତ୍ୟ ବିଭାଗ ପକ୍ଷରୁ ପାରମ୍ପାରିକ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୃତ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ବେଗୁନିଆ,୨୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଅପରାହ୍ନ ୪ଟାରେ ବର୍ଷା ସହ ପବନ ହେବାରୁ ବିଦ୍ୟୁତ୍ କାଟ କରାଯାଇଥିଲା। କିଛି ସମୟ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିଲା। ଫଳରେ ଲୋକେ ହଇରାଣ ହେବା ସହ ଗୁଳୁଗୁଳି ଯୋଗୁ ଘରେ ଶୋଇପାରି ନ ଥିଲେ। ସୋମବାର ସକାଳ ୮ଟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ଲୋ-ଭୋଲ୍‌ଟେଜ୍ ଯୋଗୁ ଫ୍ୟାନ ଠିକ୍‌ଭାବେ ବୁଲୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ଉପଭୋକ୍ତାମାନେ ହଇରାଣ ହେଉଥିବା ବେଳେ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜ

ଟାଙ୍ଗୀ,୨୯।୪(ରଘୁନାଥ ସାହୁ)

ପାଖେଇଆସୁଛି ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ ଚିଲିକା, ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ତୈଳିକ ବୈଶ୍ୟ ସାଧବ ସମାଜର ୩ ଜଣଙ୍କୁ ବିଧାୟକ ପ୍ରାର୍ଥୀଭାବେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଚିଲିକାରୁ ରଘୁନାଥ ସାହୁ, ଖୋର୍ଦ୍ଧାରୁ ରାଜେନ୍ଦ୍ର କୁମାର ସାହୁ, ବେଗୁନିଆରୁ ପ୍ରଦୀପ ସାହୁଙ୍କ ନାମ ଘୋଷଣା କରାଯାଇଥିବାରୁ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପୃଥକ୍ ମାମଲାରେ ୫ ଗିରଫ

ଭୁବନେଶ୍ୱର,୨୯।୪(ସୂର୍ଯ୍ୟକାନ୍ତ ବେହେରା)

ବେପରୁଆ ଗାଡିଚାଳନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ପୃଥକ ମାମଲାରେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଙ୍ଗାଳୀ ସାହିର ଦୁଇ ଭାଇ ସଞ୍ଜୀତି ଶର୍ମା ଓ ଆଲୋକ ଶର୍ମା ଏବଂ ଅନ୍ୟ ଜଣେ ସଞ୍ଜୀବ କୁମାର ଗୁପ୍ତା। ସେହିପରି ଅନ୍ୟଏକ ଗୋଷ୍ଠୀର ବିନୟ କୁମାର ଦାସ ଓ ଗୌତମ କୁଣ୍ଡୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଜଣେ ଅଭିଯୋଗକାରିଣୀ କମଳିନୀ ଗୁପ୍ତା ବଙ୍ଗାଳୀ ସାହିର କିଛି ମହିଳାଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ଅନ୍ୟ ଗୋଷ୍ଠୀର ବିକ୍ରମ ଓରଫ ଗୁଡୁ ବେପରୁଆ ଭାବେ କାରକୁ ଦ୍ରୁତ ଗତିରେ ଆଣି ସେମାନଙ୍କ ଆଡକୁ ମାଡି ଆସିଥିଲେ। ଏହାକୁ କମଳିନୀ ବିରୋଧ କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ କମଳିନୀ ସଞ୍ଜୀବ, ଆଲୋକ, ସଞ୍ଜୀତି ଓ ଅନ୍ୟମାନେ ବିକ୍ରମଙ୍କ ଘର ନିକଟକୁ ଯାଇ ଗାଳି ଗୁଲଜ କରିଥିଲେ। ଏନେଇ ଉଭୟ ପକ୍ଷରୁ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପାଇପ୍ ପାଣିରୁ ବଞ୍ଚିତ ୩ ଗାଁ

ବୋଲଗଡ଼,୨୯।୪(ଦେବବ୍ରତ ହୋତା)

ଗ୍ରାମାଞ୍ଚଳର ଲୋକେ କିପରି ବିଶୁଦ୍ଧ ପାନୀୟଜଳ ପାଇପାରିବେ ସେ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ନଳକୂପ ଖନନ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ତେବେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର କନ୍ତାଇଲୋ, ଦୁର୍ଗାପୁର ଏବଂ ହରେକୃଷ୍ଣପୁର ଗ୍ରାମକୁ ପ୍ରାୟ ୧୫ବର୍ଷ ହେବ ପାଇପଯୋଗେ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଉକ୍ତ ଗ୍ରାମଗୁଡ଼ିକୁ ପାଇପ ଯୋଗେ ପୁନଃ ପାନୀୟଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁପାରି ନାହିଁ। ଫଳରେ ଲୋକେ ବିଶୁଦ୍ଧ ପାଣି ପାଇଁ ହଇରାଣ ହେଉଛନ୍ତି।

ପ୍ରକାଶ ଯେ, ଏହି ଗ୍ରାମ ପାଇଁ ୧୫ବର୍ଷ ପୂର୍ବେ ପାଇପ ଯୋଗେ ପାନୀୟଜଳ ଯୋଗାଣ ପାଇଁ ବଡକୁମାରୀ ପଞ୍ଚାୟତ




ଅଞ୍ଚଳର ମାଣିକପୁରଠାରେ ଏକ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପରୁ ୬ ମାସ ଉପରୋକ୍ତ ଗ୍ରାମଗୁଡିକୁ ପାନୀୟଜଳ ଯୋଗାଣ ହୋଇଥିଲା। ପରେ ମାଟିତଳେ ଥିବା ପାଇପ କୌଣସିଠାରେ ଫାଟିଯିବାରୁ ଜଳଯୋଗାଣ ବ୍ୟାହତ ହୋଇଥିଲା। ଫଳରେ ପ୍ରାୟ ୬ମାସ ପରେ ଏହି ପ୍ରକଳ୍ପରୁ କେବଳ ମାଣିକପୁର ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ୍ୟ କନ୍ତାଇଲୋ, ଦୁର୍ଗାପୁର ଓ ହରେକୃଷ୍ଣପୁର ଗ୍ରାମକୁ ଅଦ୍ୟାବଧି ଜଳଯୋଗାଣ ବ୍ୟାହତ ହୋଇ ରହିଛି। ଦୀର୍ଘ ବର୍ଷ ହେବ ଏହି ଜଳଯୋଗାଣ ପ୍ରକଳ୍ପ ଅଚଳ ଥିବାରୁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ କନ୍ତାଇଲୋ ଗ୍ରାମର ମଠସାହିରେ ଥିବା ନଳକୂପଟି ଲୋକଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ। ବିଶେଷକରି ଖରାଦିନେ ଏହି ସାହିର ଲୋକେ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି। ଆଉ କେତେକ ଖୋଲା କୂଅରୁ ପାନୀୟଜଳ ସଂଗ୍ରହ କରୁଥିବା ଦେଖାଯାଇଛି। ଦୋଳମଣ୍ଡପଠାରେ ରହିଥିବା ନଳକୂପରୁ ଠିକ୍‌ଭାବେ ପାଣି ବାହାରୁ ନାହିଁ। ଲୌହଗୁଣ୍ଡ ଯୁକ୍ତ ହୋଇଥିବାରୁ ଲୋକେ ପାଣି ପିଇବା ଉପଯୋଗୀ ହୋଇପାରୁ ନାହିଁ। ସେହିପରି କନ୍ତାଇଲୋ ଗ୍ରାମ ସାନମଠ ଠାରେ ଥିବା ନଳକୂପରୁ ବାହାରୁଥିବା ଜଳ ପାନୀୟ ଉପଯୋଗୀ ନୁହେଁ। ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏ ସମ୍ପର୍କରେ ବୋଲଗଡ଼ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଶାଶତୀ ଜେନା କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଭୂତଳ ଜଳସ୍ତର ପର୍ଯ୍ୟାପ୍ତ ନ ଥିବାରୁ ଏପରି ହୋଇଛି। ନଳକୂପ ଜଳର ସାମ୍ପଲ ପରୀକ୍ଷଣ ପଠାଯାଇଛି।

## ରାମେଶ୍ୱର ଭାଗବତଦେବ ମେଳଣ

ନିରାକାରପୁର,୨୯।୪
(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ହେଉଥିବା ଭାଗବତଦେବ ମେଳଣର ଜମାଣ ରବିବାର ରାତିରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ମେଳଣ ଆରମ୍ଭ ହୋଇଛି। ଥାନପତି ଭାବେ ରାମେଶ୍ୱର ଖମାରସାହି ଓ ମଝିସାହିର ଭଗବତଦେବଙ୍କ ସନ୍ଧ୍ୟାକାଳୀନ ଧୂପ ପରେ ପୂଜାର୍ଚ୍ଚନା କରାଯାଇ ସୁସଜ୍ଜିତ ବିମାନରେ ଶ୍ରୀଜୀଉମାନଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ନାଗା-ପରୀ, କେଳା-କେଳୁଣୀ, ଧୋବା-ଧୋବଣୀ, ଶିବ-ପାର୍ବତୀ ଆଦି ପାରମ୍ପରିକ ନୃତ୍ୟ ଓ ଘଣ୍ଟ, ଢୋଲ, ତୁରି, ହରିବୋଲ, ହୁଳହୁଳି ଶବ୍ଦରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜୀଉଙ୍କୁ ମେଳଣ ପଡିଆରେ ଆସୀନ କରାଯାଇଥିଲା। ତାଳପଡ଼ା, ରମାବିଲି, ମଧୁବନ, ସାମନ୍ତରାପୁର, ଷଠିପଦର, ଯାଜପୁର, ମିରିଗଦୟଣୀ ଆଦି ସ୍ଥାନରୁ ଆମନ୍ତ୍ରିତ ଭଗବତ ଦେବଗଣ ମେଳଣ ପଡିଆରେ ପହଞ୍ଚି ଆସୀନ ହୋଇ ମଣ୍ଡପରେ ପୂଜା ପାଉଛନ୍ତି। ମେଳଣ ପଡିଆରେ କ୍ରିୟା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବା ସହ ସେଠାରେ ପଡ଼ିଥିବା ବିଭିନ୍ନ ଷ୍ଟଲ୍‌ରୁ ନାନା ପ୍ରକାର ସାମଗ୍ରୀ କିଣିବା ସହ ଚଟ୍‌ପଟି ଖାଦ୍ୟର ମଜା ଉଠାଉଛନ୍ତି। ଯାତ୍ରାପାର୍ଟି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିରାକାରପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ମହୋତ୍ସବ ନୂତନ ପିଢ଼ିକୁ ଶିକ୍ଷାଲାଭର ସୁଯୋଗ ଦିଏ

### ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ବେଗୁନିଆ,୨୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥିତ ଆଞ୍ଚଳିକ ପଲ୍ଲୀ ମହୋତ୍ସବର ତୃତୀୟ ସନ୍ଧ୍ୟା ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଭବାନୀ ଶଙ୍କର ଜଗଦେବ ମୁଖ୍ୟବକ୍ତା, ପ୍ରକାଶ ବିଜୁଳି, କର୍ନେଲ ଅରୂପ କୁମାର ରାଉତରାୟ, ସମାଜସେବୀ ଦେବରାଜ ବରିସଲ, କୁବେର ବିଶ୍ୱାଳ ଓ ମାନବ



ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସୁରକ୍ଷା ସଙ୍ଗଠନ ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିକୁ ଶିକ୍ଷାଲାଭ କରିବାର ସୁଯୋଗ ଦେଇଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ଓ ରତିକାନ୍ତ କହଲସିଂହ ସଂଯୋଜନା କରିଥିଲେ। ପରେ ଶିଳ୍ପୀକା ଡ୍ୟାନ୍‌ସ ଗ୍ରୁପ୍ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ୪ ଗାଡ଼ିର କାଚ ଭାଙ୍ଗିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୯।୪(ସତ୍ୟଜିତ୍ ରାଉତ)

ମୈତ୍ରୀବିହାର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ୪ ଗାଡ଼ିର କାଚ ଭାଙ୍ଗିଛନ୍ତି ଦୁର୍ବୃତ୍ତ। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଛନ୍ତି। ଗାଡ଼ିଗୁଡ଼ିକ ମଧ୍ୟରେ ୪ଟି କାର୍ ଓ ଗୋଟିଏ ଟାଟା ଏସିଇ ରହିଛି। ମୈତ୍ରୀବିହାର ଥାନା ପୋଲିସ ରବିବାର ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ତେବେ ଗାଡ଼ିଗୁଡ଼ିକ ରାସ୍ତାକଡ଼ରେ ପାର୍କିଂ ହୋଇଥିବାରୁ କେହି ରାଗ ରଖି ଏହି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

## ବେଗୁନିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ



ବେଗୁନିଆ,୨୯।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ସିଆରପିଏଫ୍ ଯବାନଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀର ସିମୋର ଛକଠାରୁ ଆରମ୍ଭକରି ପୋଡାଡିହ ଛକ ପର୍ଯ୍ୟନ୍ତ ଏହି ଫ୍ଲାଗ୍‌ମାର୍ଚ୍ଚ ହୋଇଥିଲା। ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ଅବାଧମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ପରିଚାଳନାକୁ ଦୃଷ୍ଟିରେ ରଖି ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା ବୋଲି ଥାନା ଅଧିକାରୀ ନାୟକ କହିଛନ୍ତି। ମତଦାନ ପୂର୍ବରୁ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକର ସ୍ଥିତି ପରଖିବା ସହ ଭୋଟରମାନେ କିପରି ଶାନ୍ତିଶୃଙ୍ଖଳାରେ ମତଦାନ କରିବେ, ଗାଁରେ କିପରି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ସୃଷ୍ଟି ନ ହେବ ସେନେଇ ପୋଲିସ ବିଭାଗ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ସଚେତନତା ସୃଷ୍ଟି କରାଯାଇଛି।

# ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ

### ନିର୍ବାଚନ ପରିଚାଳନା ସମ୍ପର୍କିତ ବୈଠକ



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା କକ୍ଷରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପରିଚାଳନା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪ଜଣ ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ। ଭୁବନେଶ୍ୱର ଲୋକସଭା ଆସନ(ପିସି) ପର୍ଯ୍ୟବେକ୍ଷକ ଏଲ.ଭି ଭାସ୍କର ରେଡ୍ଡୀ, ବିଧାନସଭା ନିର୍ବାଚନ ମଣ୍ଡଳୀ(ଏସି) ୧୧୧ ଜୟଦେବ,୧୧୨ ମଧ୍ୟ,୧୧୩ ଉତ୍ତର ଓ ୧୧୪ ଏକାମ୍ର ପାଇଁ ମଇମୁନ ଆଲାମ, ନିର୍ବାଚନ ମଣ୍ଡଳୀ ୧୧୫ ଜଟଣୀ, ୧୧୬ ଖୋର୍ଦ୍ଧା ଓ ୧୧୭ ବେଗୁନିଆ ପାଇଁ ରାଜେନ୍ଦ୍ର ସିଂ ଏବଂ ୧୧୮ ଚିଲିକା ପାଇଁ ଅତୁଲ ପାଣ୍ଡେ ପ୍ରମୁଖ ଯୋଗଦେଇ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ନିରପେକ୍ଷ, ସ୍ୱଚ୍ଛ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ। ନିର୍ବାଚନ ପ୍ରଚାର ବେଳେ ବିଭିନ୍ନ ପ୍ରାର୍ଥୀ ଏବଂ ନିର୍ବାଚନୀ ଖର୍ଚ୍ଚର ହିସାବ ରଖିବା, ପ୍ରଚାର ବେଳେ ବ୍ୟବହୃତ ସାମଗ୍ରୀ ଠିକ ମୂଲ୍ୟାୟନ, ସମ୍ପୃକ୍ତ ପ୍ରାର୍ଥୀଙ୍କ ହିସାବ ଖାତାରେ ପଞ୍ଜୀକୃତ ପାଇଁ ଖର୍ଚ୍ଚ ପର୍ଯବେକ୍ଷକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ କଡାକଡି ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ଜିଲାପାଳ ପ୍ରଦାନ କରିଥିଲେ। ନିର୍ବାଚନ ସଂକ୍ରାନ୍ତରେ ବିଭିନ୍ନ ପ୍ରସଙ୍ଗରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅବକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଅନ୍ଯ ବିଭାଗୀୟ ତଥ୍ୟ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସମସ୍ତ ରିଟର୍ଣ୍ଣିଂ ଅଫିସର, ନୋଡାଲ ଅଧିକାରୀ, ଇଓ, ଏଇଓଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଜଟଣୀରେ ସୁନିତାଙ୍କ ପ୍ରଚାର



ଜଟଣୀ,୨୯।୪(ରବୀନ୍ଦ୍ରନାଥ ମହାକୁଡ଼)

ପାଖେଇଆସୁଛି ସାଧାରଣ ନିର୍ବାଚନ। ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କ ପ୍ରଚାର ଆରମ୍ଭ କରିଦେଲେଣି। ଏହି ପରିପ୍ରେକ୍ଷୀରେ ଜଟଣୀ ବିଧାନସଭା ଆସନ ପାଇଁ ରାଷ୍ଟ୍ରୀୟ ମାନବ ଦଳର ପ୍ରାର୍ଥୀ ସୁନିତା ଦାସ ସୋମବାର ପ୍ରଚାର ଆରମ୍ଭ କରିଛନ୍ତି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପତ୍ରପଡ଼ା ଗ୍ରାମରେ ସେ ସମର୍ଥକଙ୍କ ସହ ପ୍ରଚାର କରିଥିଲେ। ଅଞ୍ଚଳର ବିକାଶ ସହିତ ମହିଳା, ଯୁବତୀ ଓ ଯୁବକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ଏକ ବିକଶିତ ଜଟଣୀ ଗଢ଼ିତୋଳିବେ ବୋଲି କହିଥିଲେ। ସେ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି, ମାଟି ମା'ର ସମ୍ମାନ ଓ ସ୍ୱାଭିମାନ ଲାଗି ନିର୍ବାଚନକୁ ଆସିଛି ବୋଲି ସୁନିତା କହିଛନ୍ତି। ଏହି ପଦଯାତ୍ରାରେ ସୁନିତାଙ୍କ ସହ ବହୁ ମହିଳା କର୍ମୀ ଓ ସମର୍ଥକ ସାମିଲ ଥିଲେ।

## ଅବହେଳିତଙ୍କୁ ଆଇନସେବା ଯୋଗାଇଦେବାକୁ ଗୁରୁତ୍ୱ

ଜଟଣୀ,୨୯।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବାର୍ ଆସୋସିଏଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ମାନବାଧିକାର ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ପ୍ରହ୍ଲାଦ ସିହ୍ନା, ସମ୍ମାନିତ ଅତିଥି ସିଭିଲ ଜଜ୍ ଜୁନିଅର ଡିଭିଜନ କମ୍ ଜେଏମ୍‌ଏଫ୍‌ସି ଜଟଣୀର ମାଜିଷ୍ଟ୍ରେଟ ହିତେଶ୍ରୀ ବେହେରା ଯୋଗଦେଇଥିଲେ। ଗରିବ, ଅବହେଳିତ ଏବଂ ନିଷ୍ପେଷିତଙ୍କୁ ଉଚିତ ଆଇନ ସେବା ଯୋଗାଇପାରିଲେ ସମାଜରେ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଜଟଣୀ ବାର ଆସୋସିଏଶନର ଅଧିବକ୍ତା ଉମେଶ ମିଶ୍ର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ, ସଭାପତି ଶରତ ଚନ୍ଦ୍ର ପାଇକରାୟ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ସଂଘର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ମିହିରକାନ୍ତ କୋଠାରି ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ବିପିନ ବିହାରୀ ମହାନ୍ତିଙ୍କୁ 'ଜଟଣୀ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ଜଟଣୀ ବାର୍ ଆସୋସିଏଶନର ଅଧିବକ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ସଭାପତି ଅବନୀ କୁମାର ରାଉତରାୟଙ୍କ ସଭାପତତ୍ୱରେ ଆୟୋଜିତ ସ୍ୱାଭିମାନ ଦିବସରେ ବହୁ ସଦସ୍ୟ ଯୋଗ ଦେଇଥିଲେ। ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମଧୁବାବୁଙ୍କ ଏକ ପ୍ରତିମୂର୍ତ୍ତି ଜଟଣୀ ପୌର ପରିଷଦ ଛକଠାରେ ସ୍ଥାପନ କରିବା ପାଇଁ ପ୍ରଶାସନ ନିକଟରେ ଦାବି ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଜବାହରଲାଲ ସୁବୁଦ୍ଧି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସଫଳତା ପାଇଁ ପାଠ ସହ ଆଧ୍ୟାତ୍ମିକତା ଜରୁରୀ

ଖୋର୍ଦ୍ଧା,୨୯।୪ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗଠାରେ ଥିବା ଜବାହାର ନବଦୋୟ ବିଦ୍ୟାଳୟର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.କବିତା କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ୱାମୀ ସଦାନନ୍ଦ ଜୀ ମହାରାଜ ସମ୍ମାନିତ ବକ୍ତାଭାବେ ଯୋଗଦେଇ ପିଲାଙ୍କୁ ଗୁରୁଶିଷ୍ୟ ପରମ୍ପରା, ଭାରତୀୟ ପ୍ରାଚୀନ ଶିକ୍ଷାପଦ୍ଧତି, ମାତୃଭକ୍ତି, ଆଧ୍ୟାତ୍ମିକତା ବିଷୟରେ ମାର୍ଗଦର୍ଶନ କରିଥିଲେ। ସେ କହିଥିଲେ, ମାଆ ହେଉଛନ୍ତି ଶିଶୁର ପ୍ରଥମ ଗୁରୁ। ଶିଶୁଟିଏ ଭୂମିଷ୍ଠ ହେବା ମାତ୍ରକେ ମାଆ ହାତ ଧରି ଚାଲିବା ଶିଖିବା, କଥା କହିବା, ତାର ସଂସ୍ପର୍ଶରେ ଆସି ଶିକ୍ଷାଲାଭ କରିଥାଏ। ଭାରତବର୍ଷ ମହୀୟସୀ ମହିଳାଙ୍କ ପାଇଁ ଗର୍ବିତ। ଶିଶୁର ସର୍ବାଙ୍ଗୀନ ବିକାଶରେ ମାତାପିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏବେ ପିଲାଙ୍କ ମଧ୍ୟରେ ଆଧ୍ୟାତ୍ମିକତା କମିବାରେ ଲାଗିଛି। ଏ ଦିଗରେ ମାତାପିତା ଗୁରୁତ୍ୱ ଦେବା ଉଚିତ। ପିଲାଙ୍କୁ ଉଚିତ ଶିକ୍ଷା ଦିଅନ୍ତୁ। ସେମାନଙ୍କୁ ପୂଜାପାଠ, ଧ୍ୟାନ, ଜପତପ ପାଇଁ ପ୍ରେରଣା ଦିଅନ୍ତୁ। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ଆଧ୍ୟାତ୍ମିକତା ଭାବ ରହିବା ଜରୁରୀ। ଏକ ଆଦର୍ଶ ପରିବାରୁ ଆଦର୍ଶ ସମାଜ ଏବଂ ରାଷ୍ଟ୍ରର ପରିକଳ୍ପନା କରାଯାଇପାରିବ। ପରିବାର ଶୃଙ୍ଖଳିତ ହେଲେ ଶିଶୁ ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହୋଇପାରିବ। ଭାରତବର୍ଷ ଛାତ୍ର, ଯୁବକଙ୍କମାନଙ୍କ ଠାରୁ ବହୁତ କିଛି ଆଶା ରଖିଛି। ଏକ ସମୃଦ୍ଧ, ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣରେ କର୍ଣ୍ଣଧାର ହେବାକୁ ସ୍ୱାମୀଜୀ ଆହ୍ୱାନ ଦେଇଥିଲେ। ଧୈର୍ଯ୍ୟ, ନିଷ୍ଠା, ଏକାଗ୍ରତା, କଠିନ ପରିଶ୍ରମ ସଫଳତା ଶୀର୍ଷରେ ପହଞ୍ଚାଇବ। ଏଥିଲାଗି ନିରନ୍ତର ପ୍ରୟାସ ଏବଂ ସାଧନା ଜରୁରୀ ବୋଲି ସେ କହିଥିଲେ। ଅଧ୍ୟକ୍ଷା କର ବାର୍ଷିକ ବିବରଣୀ ପାଠ କରିଥିଲେ। ଭୁବନେଶ୍ୱର ଡିଏମ ସ୍କୁଲ ପ୍ରଧାନଶିକ୍ଷକ ସି.ଏଚ୍. ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ଏଲ୍. ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱପ୍ନ ଦେଖିବା ସହ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମାତାପିତା ଏବଂ ଗୁରୁଜନଙ୍କ ଆଶୀର୍ବାଦ, ପ୍ରେରଣା ପିଲାଙ୍କ ଭବିଷ୍ୟତ ଗଢିଥାଏ। ଏହି ଅବସରରେ ପିଲାଙ୍କ ଦ୍ୱାରା ଆକର୍ଷଣୀୟ ଚିତ୍ର ପ୍ରଦର୍ଶନୀ କରାଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଓଡ଼ିଶାରୁ ମାୟାନଗରୀ ଲମ୍ବିଛି ରାହୁଲଙ୍କ ନିଶା କାରବାର

ଭୁବନେଶ୍ୱର,୨୯।୪
(ସୂର୍ଯ୍ୟକାନ୍ତ ବେହେରା)



ରିମାଣ୍ଡ ସରିବା ପରେ ଅଭିଯୁକ୍ତ ରାହୁଲ ସେଠୀଙ୍କୁ ପୋଲିସ କୋର୍ଟରେ ହାଜର ପାଇଁ ନେଉଛି।

ଭୁବନେଶ୍ୱରସ୍ଥିତ ଝାରପଡା ଜେଲ ପରିସରରୁ ଧରାପଡିଥିବା ଗଞ୍ଜେଇ ର୍ୟାକେଟର ମୁଖ୍ୟ ବାରିପଦାର ରାହୁଲ ସେଠୀଙ୍କ ତିନିଦିନିଆ ରିମାଣ୍ଡ ଶେଷ ହୋଇଛି। ସୋମବାର ତାଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଶନିବାରଠାରୁ ତାଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ତେବେ ଏହି ରିମାଣ୍ଡ ସମୟରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ତାଙ୍କ ଅପରାଧର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣିବାକୁ ପାଇଛି। ଅଭିଯୁକ୍ତ ରାହୁଲଙ୍କ ନିଶା କାରବାର ରାଜଧାନୀ ଦିଲ୍ଲୀ, ମାୟାନଗରୀ ମୁମ୍ବାଇ ସହ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ଲମ୍ବିଥିବା ଜଣାପଡିଛି। କେଉଁଠାରେ ଗଞ୍ଜେଇ ଚାଷ ହେଉଛି, କେମିତି ଚୋରା ଚାଲାଣ କରାଯାଉଛି, ତାହାର ଚିକିନିଖି ତଥ୍ୟ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ଉଖାଳିଛି ରାହୁଲ। ଗଞ୍ଜେଇ ବେପାର ପାଇଁ ପୁରୁଣା ଗାଡିକୁ ପ୍ରଥମେ କ୍ରୟ କରୁଥିଲେ। ପରେ ଏହାକୁ କୋଲକାତାରେ ମୋଡିଫାଏ କରାଯାଇ ସେଥିରେ ସ୍ୱତନ୍ତ୍ର ଗୁପ୍ତ ଚାମ୍ବର କରାଯାଉଥିଲା। ଏହାଦ୍ୱାରା ପୋଲିସଠାରୁ ବର୍ତ୍ତିବା ସହ ଗଞ୍ଜେଇ ଚୋରାଚାଲାଣରେ ବହୁ ସୁବିଧା ହେଉଥିଲା। ସେହିପରି ଏକାଧିକ ବ୍ୟକ୍ତିଙ୍କୁ ନିଜ ର୍ୟାକେଟରେ ସାମିଲ କରିଥିଲେ। ଏହାସହ ଅଧିକାଂଶ ଚୋରା ଚାଲାଣ ଭଡ଼ା ଗାଡ଼ିରେ ହେଉଥିଲା। ତେଣୁ ପୋଲିସ ସମସ୍ତ ଗାଡି ମାଲିକଙ୍କୁ ଚିହ୍ନଟ କରିଛି। ସେମାନେ ଜାଣତରେ ଏହି ବେଆଇନ କାରବାର ପାଇଁ ଗାଡି ଭଡ଼ାରେ ଦେଉଥିଲେ କି ଅଜାଣତରେ ପୋଲିସ ସେମାନଙ୍କୁ ଖୁବ୍‌ଶୀଘ୍ର ଡାକି ପଚରାଉଚରା କରିବା ବୋଲି ଜଣାପଡିଛି। ଅପରପକ୍ଷେ

## କୋଲକାତାରେ ତିଆରି କରୁଥିଲେ ଗାଡ଼ିର ଗୁପ୍ତ ଚାମ୍ବର

- ରିମାଣ୍ଡ ସରିଲା, ଜେଲ ଗଲେ ଗଞ୍ଜେଇ ର୍ୟାକେଟ ମୁଖ୍ୟ
- ଆକାଉଣ୍ଟରେ ବିପୁଳ ଟଙ୍କା କାରବାର ପ୍ରମାଣ ପାଇଲା ପୋଲିସ

ରାହୁଲଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଓ ଅନଲାଇନ ମାଧ୍ୟମରେ ବହୁ ଟଙ୍କା କାରବାର ହେଉଥିବାର ପ୍ରମାଣ ପୋଲିସ ହାତରେ ଲାଗିଛି। ଏହାସହ ସେ ଏହି ବେଆଇନ କାରବାରରୁ ପାଉଥିବା ବିପୁଳ ଅର୍ଥରେ ତାରକା ହୋଟେଲରେ ରହିବା ସହ ବିମାନ ଯାତ୍ରା କରୁଥିବାରୁ ଏସବୁ ବାବଦକୁ କେତେ ଖର୍ଚ୍ଚ ହୋଇଛି ତାହାର ହିସାବ ପାଇଁ ଆବଶ୍ୟକ ତଥ୍ୟ ଯୋଗାଡ଼ ଚାଲିଛି। ସେହିଭଳି ଅଭିଯୁକ୍ତମାନେ ଚାଷୀଙ୍କଠାରୁ ୩ରୁ ୪ ହଜାର ଟଙ୍କାରେ ଗଞ୍ଜେଇ କିଣି ତାହାକୁ ୧୦ରୁ ୧୫ ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେଣୁ ଏହି ର୍ୟାକେଟର କେତେ ଲୋକ ରହିଛନ୍ତି, ସମସ୍ତଙ୍କୁ ଧରିବା ପାଇଁ ସ୍ପେଶାଲ କ୍ରାଇମ ୟୁନିଟ ଓଡିଶାର ବିଭିନ୍ନ ଜିଲା ପୋଲିସ,ଏନ୍‌ସିବି, ଏସ୍‌ଟିଏଫ ଏବଂ ବାହାର ରାଜ୍ୟ ପୋଲିସର ସହଯୋଗ ଲୋଡିଥିବା ସୂଚନା ମିଳିଛି।

ସୂଚନାନୁସାରେ, ଗତ ଫେବୃଆରୀ ୧୧ରେ ଅଭିଯୁକ୍ତମାନେ ଚିତ୍ରକୋଣ୍ଡାରୁ କାର୍‌ରେ ଗଞ୍ଜେଇ ଧରି ବ୍ରହ୍ମପୁର, ଭୁବନେଶ୍ୱର ଦେଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବାବେଳେ ଭୁବନେଶ୍ୱରରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଧରାପଡିଥିଲେ। ପୋଲିସ ବହୁ ବାଟ ଗୋଡ଼ାଇବା ପରେ ଶେଷରେ ପାହାଳ ନିକଟରେ ଧରିବା ସହ ଝାଡ଼ଖଣ୍ଡର ୩ ନିଶାବେପାରୀ ରବି ଶଙ୍କର ଦାସ, ରାଜେଶ କିଶୋର ଦାସ ଓ ଲବ କିଶୋର ପ୍ରସାଦ ସହଦେବଙ୍କୁ ଗିରଫ କରି ଜେଲ ପଠାଇଥିଲା। ସେମାନଙ୍କଠାରୁ ୩ଶହ କେଜି ଗଞ୍ଜେଇ ଜବତ କରିଥିଲା। କିଛି ଦିନ ତଳେ ର୍ୟାକେଟ ମୁଖ୍ୟ ରାହୁଲ ଝାରପଡ଼ା ଜେଲ୍‌ରେ ଥିବା ୩ ସାଥୀଙ୍କୁ ଦେଖା କରିବାକୁ ଆସିଥିବାବେଳେ ପୋଲିସ ଫାଶରେ ଫସିଯାଇଥିଲେ।





୨୯।୦୪।୨୦୨୪

| ୩,୧୩, ୧୬୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସର୍ଫିଙ୍ଗ ପର୍ଯ୍ୟଟନ ମାନଚିତ୍ରରେ କୋଣାର୍କ



କୋଣାର୍କ,୨୯।୪
(ଜ୍ୟୋତିରାଜ ମହାନ୍ତି)

ସମୁଦ୍ରର ନୀଳ ଢ଼େଉରେ ଦୁଃସାହସିକ ଜଳକ୍ରୀଡ଼ା ସର୍ଫିଙ୍ଗ ପାଇଁ ଖାଲି ବିଦେଶ ନୁହେଁ, ଭାରତର ଯୁବବର୍ଗଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ପୁରୀ-କୋଣାର୍କ ବେଳାମାର୍ଗରେ ଅବସ୍ଥିତ ରେଞ୍ଜର୍ସ ଆଡ୍‌ଭେଞ୍ଚର୍ସ ଫାଉଣ୍ଡେଶନ ପକ୍ଷରୁ ସୋମବାର ରାମଚଣ୍ଡୀ ମୁହାଣ ନିକଟ ସ୍ୱର୍ଣ୍ଣାଭ ବେଳାଭୂମି, କୁଶଭଦ୍ରା ନଦୀ, ଚନ୍ଦ୍ରଭାଗା ଓ ତାଣ୍ଡାଘର କେଲୁଣି ମୁହାଣ ନିକଟରେ ନିଆରା ଜଳକ୍ରୀଡ଼ା ସର୍ଫିଙ୍ଗ ପ୍ରଶିକ୍ଷଣ ଦିଆଯାଇଛି। ଦେଶ ବିଦେଶରୁ ଆସିଥିବା ପ୍ରାୟ ୩୦୦ ପ୍ରଶିକ୍ଷାର୍ଥୀ ଏଠାରେ ତାଲିମ ନେଇ ସାରିଲେଣି। ଭାରତର ବିଭିନ୍ନ ରାଜ୍ୟ ସହିତ ଜାପାନ, ଅଷ୍ଟ୍ରେଲିଆ, ଜର୍ମାନୀ, ସ୍କଟଲାଣ୍ଡ, ଇଂଲଣ୍ଡ ଓ ଚେକ୍ ରିପବ୍ଲିକ ଆଦି ଦେଶରୁ ୮୦ ଜଣ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ପ୍ରଥମେ କୁଶଭଦ୍ରା ନଦୀର ସ୍ଥିର ଜଳରାଶିରେ ଓ ପରେ ସମୁଦ୍ର ଢେଉ ମଧ୍ୟରେ ପ୍ରଶିକ୍ଷଣ ଦିଆଯାଉଛି। ସର୍ଫିଙ୍ଗ ପାଇଁ ଉତ୍କୃଷ୍ଟ ସମୟ ହେଉଛି ସକାଳ ୬ରୁ ୭ଟା। ପବନ କମ୍ ରହିବା ଦରକାର। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସର୍ଫିଙ୍ଗ ସହିତ ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡ଼ା, ସାଇକେଲ ଚାଳନା, ଯୋଗ ଓ ରହିବା ଖାଇବା ବ୍ୟବସ୍ଥା ରହିଛି। ଓଡ଼ିଶା ପର୍ଯ୍ୟଟନକୁ ଆଗକୁ ନେବାକୁ ସର୍ଫିଙ୍ଗ ଏକ ଭଲ ମାଧ୍ୟମ। ଏଠାକାର ସୁନ୍ଦର ଓ ସ୍ୱଚ୍ଛ ବେଳାଭୂମି ସହ ସମୁଦ୍ରକୂଳ ଓ ପରିଷ୍କାର ଜଳରାଶି ସର୍ଫିଙ୍ଗ ପାଇଁ ବେଶ ଉପଯୋଗୀ। ଏହା ସାରା ବିଶ୍ୱ ପର୍ଯ୍ୟଟନରେ ସ୍ଥାନ ପାଇବ ବୋଲି ଆମେ ପ୍ରୟାସ କରୁଛୁ, ଏବେ ଭାରତୀୟ ଯୁବବର୍ଗଙ୍କ ଆଗ୍ରହ ବଢୁଥିବା ସହ ଏହା ଆଗାମୀ ଦିନରେ ସର୍ଫିଙ୍ଗ୍ ହବ୍ ପାଲଟିବ ବୋଲି ରେଞ୍ଜର୍ସର ପ୍ରତିଷ୍ଠାତା ସଞ୍ଜୟ କୁମାର ସାମନ୍ତରାୟ କହିଛନ୍ତି। ରେଞ୍ଜର୍ସ ଆଡଭେଞ୍ଚର୍ସ ଫାଉଣ୍ଡେଶନ ପକ୍ଷରୁ ବିଗତ ବର୍ଷଗୁଡ଼ିରେ ରାମଚଣ୍ଡୀ ନଦୀ ମୁହାଣରେ ଅନ୍ତର୍ଜାତୀୟ ସର୍ଫିଙ୍ଗ ଫେଷ୍ଟିଭାଲ ଆୟୋଜିତ ହେଉଥିଲା। କେତେକ ସମସ୍ୟା ଯୋଗୁ ଏହା ବନ୍ଦ ରହିଛି। ୨୦୨୫ ମସିହାରୁ ପୁଣି ଏହି ଉତ୍ସବ ଆୟୋଜନ କରାଯିବ। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଦେଶର ଅନ୍ତର୍ଜାତୀୟ ସର୍ଫର୍ସଙ୍କ ସହ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେବେ। ଏହା ଦ୍ୱାରା ସର୍ଫ ପର୍ଯ୍ୟଟନ ବୃଦ୍ଧି ପାଇବ। ସ୍ଥାନୀୟ ଲୋକଙ୍କ ବ୍ୟବସାୟ ସହ କୋଣାର୍କ ଓ ପୁରୀର ପର୍ଯ୍ୟଟନ ମଧ୍ୟ ଗୁରୁତ୍ୱ ରହିବ ବୋଲି ସାମନ୍ତରାୟ ସୂଚନା ଦେଇଛନ୍ତି।

- ରେଞ୍ଜର୍ସ ପକ୍ଷରୁ ନିଆରା ପରିକଳ୍ପନା
- ଦେଶ ବିଦେଶରୁ ଆସୁଛନ୍ତି ପ୍ରଶିକ୍ଷାର୍ଥୀ
- ସର୍ଫିଙ୍ଗ ହବ୍ ପାଲଟିବ ସମୁଦ୍ର ମୁହାଣ

## କେନାଲରେ ବୁଡ଼ି ନାବାଳକ ମୃତ

ବାଲକାଟୀ,୨୯।୪
(ମନୋଜ ମଣ୍ଡଳ):

ବାଲିଅନ୍ତା ଥାନା ଅଧୀନ ଅଲାରପୁରସ୍ଥିତ ପୁରୀ ମୁଖ୍ୟ କେନାଲରେ ଗାଧୋଇବାବେଳେ ବୁଡି ଯାଇ ସୋମବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ୟୁନିଟ୍-୯ ଅଞ୍ଚଳର ଆଦିତ୍ୟ ସେନାପତି(୧୭)। ଏନେଇ ବାଲିଅନ୍ତା ଥାନାରେ ୯/୨୪ରେ ଏକ ଅପମୃତ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି। ସୂଚନା ଯୋଗ୍ୟ, ସାଙ୍ଗମାନଙ୍କ ସହିତ ବାଇକ୍ ଯୋଗେ ଆଦିତ୍ୟ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇ ସାଇଫନ ଫଳରେ ଚଢ଼ି କେନାଲକୁ ଡେଇଁଥିଲେ। ସାଇଫନ ମୁହଁରେ ସୁଅ ଥିବାରୁ ଆଦିତ୍ୟ ଭାସି ଯାଇଥିଲେ। ଆଦିତ୍ୟ ଭାସି ଯାଉଥିବା ଦେଖି ସାଙ୍ଗମାନେ ଚିତ୍କାର କରିଥିଲେ। ପାଟି ଶୁଣି ପାଖରେ ଗାଧୋଉଥିବା ଲୋକେ ଓ ସ୍ଥାନୀୟ ଯୁବକ ପାଣିକୁ ଡେଇଁ ତାଙ୍କୁ ଖୋଜାଖୋଜି କରିଥିଲେ। ଖବରପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି କେନାଲରୁ ଆଦିତ୍ୟଙ୍କ ମୃତଦେହ ଜବତ କରିଥିଲା। ପୁଅକୁ ହରାଇବା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସୂଚନାଯୋଗ୍ୟ, ପୁରୀ କେନାଲରେ ବାରମ୍ବାର ଏଭଳି ଘଟଣା ଘଟୁଛି।

## ଜେଇଇ ମେନ୍‌ରେ ଓଏଭି ଶିକ୍ଷାର୍ଥୀଙ୍କ ସଫଳତା

**ଭୁବନେଶ୍ୱର, ୨୯।୪ (ଅସମାପିକା ସାହୁ):** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ସେସନ-୨ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ୨୨ ଜଣ ଛାତ୍ରୀଛାତ୍ର ୯୪ ପର୍ସେଣ୍ଟାଇଲରୁ ଅଧିକ ସ୍କୋର୍ ରଖିଥିବାବେଳେ ୫୩ ଜଣ ୯୦ ପର୍ସେଣ୍ଟାଇଲରୁ ଅଧିକ ସ୍କୋର ରଖି ଗୌରବ ଆଣିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୫୩ ଜଣଙ୍କ ମଧ୍ୟରୁ ୪୫ ଜଣ ଜେଇଇ ଆଡଭାନ୍ସଡ ୨୦୨୪ ଦେବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ବାବୁଲ ପ୍ରଧାନ ୯୯.୧୪ ପର୍ସେଣ୍ଟାଇଲ ସ୍କୋର ରଖି ପ୍ରଥମ ସ୍ଥାନରେ ଥିବାବେଳେ ଶୁଭମ ସ୍ୱାଗତିକା ସାହୁ ଏବଂ ଓମ୍ ସାଇକୃଷ୍ଣ ବେହେରା ୯୭.୭୯ ପର୍ସେଣ୍ଟାଇଲ ସ୍କୋର୍ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଦୀପିକା



@ ଅରବିନ୍ଦ



@ ସୁସ୍ୱାଗତିକା



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟ ଶାସନ ସଚିବଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ର ପରିଦର୍ଶନ



ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୯।୪(ଅସମାପିକା ସାହୁ)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର(ସେଣ୍ଟର ଅଫ୍ ଏକ୍ସିଲେନ୍ସ) ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ୨୦୨୨ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା(ଓଡ଼ିଶା କ୍ୟାଡର)ର ୬ଜଣ ପ୍ରୋବେଶନର ଅଧିକାରୀ ଯାଇଥିଲେ। ମୁଖ୍ୟ ଶାସନ ସଚିବ ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସମେତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ସେଣ୍ଟର ଅଫ ଏକ୍ସିଲେନ୍ସର ସଂଯୋଜକ ଓ ଅନ୍ୟ ପ୍ରାଧ୍ୟାପକମାନେ ସ୍ୱାଗତ କରିଥିଲେ। ଆଇଏଏସ୍ ଶିକ୍ଷାନବିଶମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ସେଣ୍ଟର ଅଫ ଏକ୍ସିଲେନ୍ସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କେନ୍ଦ୍ରରେ ଉପଲବ୍ଧ ବିଭିନ୍ନ ବିଷୟରେ ଗବେଷଣା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଉତ୍କର୍ଷ କେନ୍ଦ୍ରର ବିଭିନ୍ନ ସୁବିଧା ଅସୁବିଧା ବୁଝିବା ସହିତ ଗବେଷଣା କାର୍ଯ୍ୟ ଓ ଗବେଷଣା ପ୍ରକାଶନକୁ ମୁଖ୍ୟ ଶାସନ ସଚିବ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ସେଣ୍ଟର ଅଫ ଏକ୍ସିଲେନ୍ସ ଗବେଷଣା କ୍ଷେତ୍ରରେ କିପରି ଉତ୍କର୍ଷତା ପ୍ରତିପାଦନ କରିବ, ସେ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପ୍ରାଧ୍ୟାପକମାନେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଦେଶର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ କିପରି ଅଧିକରୁ ଅଧିକ ସଫଳତା ହାସଲ କରିବ, ସେନେଇ ମୁଖ୍ୟ ଶାସନ ସଚିବ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥିଲେ।

# ଧରାପଡ଼ିଲେ ନକଲି ପୋଲିସ

କଟକ,୨୯।୪
(ଦିବାକର ସାହୁ)



ଗିରଫ ୩ ଅଭିଯୁକ୍ତ ଓ ଜବତ ଟଙ୍କା, ସୁନା ଓ ଅନ୍ୟାନ୍ୟ ସାମଗ୍ରୀ।

କଟକ ସହରରେ ନକଲି ପୋଲିସ ପରିଚୟ ଦେଇ ଲୁଟ୍ କରୁଥିବା ଇରାନୀ ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରିଛି ପୋଲିସ। ନିର୍ବାଚନ ପାଇଁ ଯାଞ୍ଚ ଆଳରେ ଲୋକଙ୍କୁ ଏମାନେ ଲୁଟୁଥିଲେ। ଗତ ୧୯ ତାରିଖରେ ସମାନ ଢଙ୍ଗରେ ଦୁଇଟି ଅଞ୍ଚଳରେ ଦୁଇଟି ପୃଥକ ଲୁଟ୍ ହୋଇଥିଲା। ମାଲଗୋଦାମ ଓ ପୀଠାପୁର ଅଞ୍ଚଳର ଦୁଇଜଣ ବ୍ୟବସାୟୀଙ୍କ ନିକଟରୁ ମୋଟ ୩ ଲକ୍ଷ ୩୦ ହଜାର ଟଙ୍କା ଲୁଟିନେଇ ଏମାନେ ଫେରାର ହୋଇଯାଇଥିଲେ। ଉଭୟ ବାଦାମବାଡ଼ି ଓ ମାଲଗୋଦାମ ଥାନାରେ ଏନେଇ ଦୁଇଟି ମାମଲା ରୁଜୁ ହୋଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜା ଅଲ୍ଲୀ (୨୪), ଜାଫର ହୁସେନ (୪୨) ଓ ହସନ ଅଲ୍ଲୀ (୨୮)। ସମସ୍ତ ଅଭିଯୁକ୍ତଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ଶିବୁ ବିଶ୍ୱାସ କଟକ ଶଙ୍କରପୁରରେ ରହି ଇମିଟେଶନ ଅଳଙ୍କାର ବ୍ୟବସାୟ କରନ୍ତି। ୧୯ ତାରିଖ ଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସେ ପୀଠାପୁର ମୁନ୍‌ଲାଇଟ ଲେନ୍ ରାସ୍ତାରେ ଇମିଟେଶନ ଅଳଙ୍କାର କିଣିବାକୁ ଯାଉଥିଲେ। ଏହି ସମୟରେ ମୁନ୍‌ଲାଇଟ ଲେନ୍ ନିକଟରେ ଦୁଇଜଣ ଯୁବକ ଏକ କଳା ରଙ୍ଗର ବାଇକ୍‌ରେ ସେଠାରେ ପହଞ୍ଚି ତାଙ୍କୁ ଅଟକାଇଥିଲେ। ସେମାନେ ନିଜକୁ ପୋଲିସ ପରିଚୟ ଦେଇ ସାଧାରଣ ନିର୍ବାଚନ ପାଇଁ ଚେକିଂ କରାଯାଉଥିବା କହିଥିଲେ। ଶିବୁଙ୍କ ବ୍ୟାଗ୍‌ରେ କ'ଣ ରଖିଛନ୍ତି ବୋଲି ସେମାନେ ତାଙ୍କୁ ପଚାରିଥିଲେ। ଶିବୁ ତାଙ୍କ ବ୍ୟାଗରେ ୩୦ ହଜାର ଟଙ୍କା ରଖିଥିବା ଦେଖାଇଥିଲେ।

## ୩ ଲକ୍ଷ ୩୦ ହଜାର ଲୁଟ୍ ଘଟଣା

- ଇରାନୀ ଗ୍ୟାଙ୍ଗ୍‌ର ୩ ଗିରଫ
- ମହାରାଷ୍ଟ୍ରରୁ ଆସି କଟକରେ ରହୁଥିଲେ

ଦୁଇ ନକଲି ପୋଲିସ ତୁରନ୍ତ ଉକ୍ତ ୩୦ ହଜାର ଟଙ୍କା ଛଡ଼ାଇନେଇ ଛତ୍ରବଜାର ଆଡ଼କୁ ଫେରାର ହୋଇଯାଇଥିଲେ। କିଛି ବାଟ ଯିବାପରେ ଟଙ୍କା ବାହାର କରିନେଇ ବ୍ୟାଗଟିକୁ ଫିଙ୍ଗିଦେଇଥିଲେ। ଏନେଇ ଶିବୁ ବାଦାମବାଡ଼ି ଥାନାରେ ଏତଲା ଦେବା ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ସେହିପରି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଦେମାଳ ଅଞ୍ଚଳର ଚନ୍ଦନ କୁମାର ପଣ୍ଡା ତେଜରାତି ବ୍ୟବସାୟ କରୁଥିବାବେଳେ ସେ ସାମଗ୍ରୀ କିଣିବାକୁ ମାଲଗୋଦାମ ଆସିଥିଲେ। ସେ ଓଏମ୍‌ପି ଛକରେ ବସ୍‌ରୁ ଓହ୍ଲାଇ ଫ୍ଲାଏଓଭର ରାସ୍ତାରେ ମାଲଗୋଦାମ ଆଡ଼କୁ ଆସୁଥିଲେ। ୧୯ ତାରିଖ ମଧ୍ୟାହ୍ନ ୧୨ଟା ୨୦ ବେଳେ ମାଲଗୋଦାମ ଓଭରବ୍ରିଜ ନିକଟରେ ଦୁଇଜଣ ବ୍ୟକ୍ତି ଏକ କଳାରଙ୍ଗର ବାଇକରେ ଆସି ତାଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ନିଜକୁ ପୋଲିସ ପରିଚୟ ଦେବା ସହ ପରିଚୟପତ୍ର ଦେଖାଇଥିଲେ। ନିର୍ବାଚନ ପାଇଁ ପୋଲିସ ଯାଞ୍ଚ କରୁଥିବା କହି ତାଙ୍କୁ ରାସ୍ତାରେ ଅଟକାଇଥିଲେ। ସେ ତେଜରାତି ସାମଗ୍ରୀ କିଣିବା ପାଇଁ ଆଣିଥିବା ୩ ଲକ୍ଷ ଟଙ୍କା ଦେଖାଇବା ପରେ ଦୁଇ ନକଲି ପୋଲିସ ସମସ୍ତ ଟଙ୍କା ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଚନ୍ଦନ ଏନେଇ ମାଲଗୋଦାମ ଥାନାରେ ଦେଇଥିବା ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବାଦାମବାଡ଼ି ପୋଲିସ ଦୁଇଟିଯାକ ଘଟଣାରେ ଗୋଟିଏ ଗ୍ୟାଙ୍ଗ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ତେବେ ସମ୍ପ୍ରତି ନିର୍ବାଚନ ସମୟ ଚାଲିଥିବାରୁ ଲୁଟେରାମାନେ ସାଦା ପୋଷାକରେ ଆସି ପୋଲିସ ପରିଚୟ ଦେଇ ଲୁଟୁଥିବାରୁ ସହରାଞ୍ଚଳ ପୋଲିସ୍ ପାଇଁ ଏହାକୁ ରୋକିବା ଏକପ୍ରକାର ଚ୍ୟାଲେଞ୍ଜ ହୋଇପଡ଼ିଛି।

